


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୪ ● ୩୦ ଜାନୁଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-4 ● 30th January 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

# ଭାରତର ଜିଡିପି ଅଭିବୃଦ୍ଧି ୬.୮ରୁ ୭.୨% ରହିବା ନେଇ ଆକଳନ

ନୂଆଦିଲ୍ଲୀ, ୨୯।୧

୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧିର ହାର ୬.୮ରୁ ୭.୨% ମଧ୍ୟରେ ରହିବାନେଇ ଆକଳନ କରାଯାଇଛି । ବିଶ୍ୱ ଅର୍ଥନୀତିକ ମାନ୍ଦାବସ୍ଥାରେ ଥିଲେ ହେଁ ଭାରତର ଅଭିବୃଦ୍ଧି ଆଶାତୀତ ଭାବେ ଭଲ ରହିବ। ସେହିପରି ୨୦୨୬ରେ ଡିଜିପି ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଗୁରୁବାର ସଂସଦରେ ଉପସ୍ଥାପନ ହୋଇଥିବା ଅର୍ଥନୀତିକ ସର୍ଭେ ରିପୋର୍ଟରେ ଏହା ଦର୍ଶାଯାଇଛି।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୬ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ ଆକଳନ କରାଯାଇଛି ଯେ ଭାରତର ଜିଡିପି ଅଭିବୃଦ୍ଧି ଆର୍ଥିକ ବର୍ଷ ୨୦୨୭ରେ ୬.୮%ରୁ ୭.୨% ମଧ୍ୟରେ ରହିବ। ଏହା ୨୦୨୪-୨୦୨୫ ଅର୍ଥନୀତିକ ସର୍ଭେରେ ୨୦୨୬ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଅଭିବୃଦ୍ଧି ଆକଳନ ଠାରୁ ଅଧିକ।



୨୦୨୪-୨୫ ଅର୍ଥନୀତିକ ସର୍ଭେ ରିପୋର୍ଟରେ ୨୦୨୬ରେ ଅଭିବୃଦ୍ଧି ହାର ୬.୩%ରୁ ୬.୮% ରହିବ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୭ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ପୂର୍ବବର୍ଷ ତୁଳନାରେ ଅଧିକ ରହିବ ବୋଲି ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ବିଶ୍ୱ ଅର୍ଥନୀତିକୁ ନେଇ ଚିନ୍ତା ରହିଥିଲେ ହେଁ ସର୍ଭେ ରିପୋର୍ଟରେ ଏପରି ମତ ରଖାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୭.୩% ଓ ୭.୨% ରହିବ ବୋଲି ଯଥାକ୍ରମେ ଆଇଏମଏଫ ଓ ବିଶ୍ୱବ୍ୟାଙ୍କ ଆକଳନ କରିଥିଲେ। ସେହି ଅନୁସାରେ ଅଭିବୃଦ୍ଧି ହାର ୭.୪% ରହିବା ଏକ *(ପୃଷ୍ଠା ୭ରେ)*

# ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଅନ୍ତର୍ଜାତୀୟ ଗଣମାଧ୍ୟମ ଏବଂ ନେତାଙ୍କ ସ୍ୱାଗତ

ନୂଆଦିଲ୍ଲୀ, ୨୯।୧

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି। ଏହାଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଏନେଇ ଅନେକ ଆକଳନ କରାଯାଉଥିବା ବେଳେ ବଡ ଅର୍ଥନୈତିକ ପରିବର୍ତ୍ତନ ଆଶା କରାଯାଉଛି। ଫେଡେରେସନ୍ ଅଫ୍ ୟୁରୋପିଆନ୍ ବିଜନେସ୍ ଇନ୍ ଇଣ୍ଡିଆର ୨୦୨୬ ବ୍ୟବସାୟିକ ସର୍ଭେ ଅନୁଯାୟୀ, ୟୁରୋପୀୟ କମ୍ପାନୀଗୁଡ଼ିକ ଭାରତରେ ବିପୁଳ ପୁଞ୍ଜି ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଛନ୍ତି। ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସମାପ୍ତି ନେଇ ବିଶ୍ୱସ୍ତରରେ ଦୃଢ ଏବଂ ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଗଣମାଧ୍ୟମ ଏବଂ ନେତାମାନେ ଏହାକୁ ସ୍ୱାଗତ ଜଣାଇଛନ୍ତି। ଏହି ଚୁକ୍ତିନାମାକୁ ସେମାନେ ଅର୍ଥନୈତିକ, ଭୂ ରାଜନୈତିକ ଦୃଷ୍ଟିରୁ ଏକ ଐତିହାସିକ, ରଣନୈତିକ ଏବଂ ସମୟୋଚିତ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି। ଅନ୍ତର୍ଜାତୀୟ ଗଣମାଧ୍ୟମ, ବିଦେଶୀ ରାଜନୈତିକ ନେତୃତ୍ୱ, ବ୍ୟବସାୟ ମୁଖ୍ୟ ଏବଂ ସମ୍ମାନୀୟ ନୀତି ବିଶେଷଜ୍ଞମାନେ ଏହାକୁ ବିଶେଷ ଭାବେ ସ୍ୱାଗତ ଓ ପ୍ରଶଂସା କରିଛନ୍ତି।

ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ପରିମାଣ, ମହାତ୍ୱାକାଂକ୍ଷୀ ଆଭିମୁଖ୍ୟ ଓ ରଣନୈତିକ ସମୟ ଉପରେ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡିକରେ ବିଶେଷ ଭାବେ ଆଲୋକପାତ କରାଯାଇଛି।



'ଦି ଟେଲିଗ୍ରାଫ୍'ରେ ଜେମ୍ସ କ୍ରିସ୍ପଙ୍କ ଏକ ଲେଖାରେ ଇୟୁ ସହିତ ଚୁକ୍ତିନାମାକୁ ସମସ୍ତ ବାଣିଜ୍ୟ ଚୁକ୍ତିନାମାର ଜନନୀ ଭାବେ ବର୍ଣ୍ଣନା କରାଯାଇଛି। ଏଥିରେ ଭାରତ ପ୍ରକୃତ ରଣନୈତିକ ବିଜେତା ଭାବେ ଉଭା ହୋଇଥିବା ଯୁକ୍ତି ଦର୍ଶାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଏହି ଚୁକ୍ତିନାମା ଭାରତକୁ ୯୬.୬% ରପ୍ତାନିରୁ ଇୟୁ ରପ୍ତାନିକୁ ହ୍ରାସ କରିଥାଏ, ଯେତେବେଳେ ଇୟୁ ସାତ ବର୍ଷ ମଧ୍ୟରେ ୯୯.୫% ଭାରତୀୟ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ କରିବ।

'ଅଲ୍ ରୋଡ୍ସ ଲିଡ୍ ଟୁ ମୋଦୀ ଆଜ୍ ୱାର୍ଲ୍ଡ ହେଡେସ୍ ଟ୍ରମ୍ପ୍' ଶୀର୍ଷକ ଡ୍ୟାନ୍ ଷ୍ଟ୍ରମ୍ପଙ୍କ ଦ୍ୱାରା ଲିଖିତ ଏକ ଲେଖାରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା 'ସମସ୍ତ ଚୁକ୍ତିର ଜନନୀ' ଏକ ଉଦୀୟମାନ ଢାଞ୍ଚାର ସଦ୍ୟତମ ଉଦାହରଣ ବୋଲି ଦର୍ଶାଇଛନ୍ତି।

'ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ଏହି ଚୁକ୍ତିକୁ ମଧ୍ୟବିତ୍ତ ଶକ୍ତିମାନଙ୍କ ଦ୍ୱାରା ବିଶ୍ୱ ଶୁଳ୍କ ବିଭ୍ରାଟର ପ୍ରତିକ୍ରିୟା ଭାବରେ ପ୍ରସ୍ତୁତ କରିଛି, ଆମେରିକା ବାଣିଜ୍ୟ ନୀତି ଦ୍ୱାରା ସୃଷ୍ଟି ହୋଇଥିବା ଅନିଶ୍ଚିତତା ମଧ୍ୟରେ ଭାରତ ଏବଂ ୟୁରୋପୀୟ ସଂଘ କିପରି ମିଳିତ ଭାବେ ବିସ୍ତାର କରୁଛନ୍ତି ସେ ସମ୍ପର୍କରେ ଏଥିରେ ଆଲୋକପାତ କରାଯାଇଛି। *(ପୃଷ୍ଠା ୭ରେ)*

## ପଞ୍ଚଭୂତରେ ବିଲୀନ ହେଲେ ଅଜିତ୍ ପାୱାର

ବାରାମତି, ୨୯।୧

ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଏବଂ ଏନସିପି ମୁଖ୍ୟ ଅଜିତ ପାୱାରଙ୍କ ଶେଷକୃତ୍ୟ ବାରାମତିରେ ସମ୍ପନ୍ନ ହୋଇଛି। ରାଜ୍ୟର ସର୍ବୋଚ୍ଚ ସମ୍ମାନ ସହିତ ତାଙ୍କ ଶେଷକୃତ୍ୟ ସମ୍ପନ୍ନ *(ପୃଷ୍ଠା ୭ରେ)*

## ୟୁଜିସିର ନୂତନ ନିୟମାବଳୀ ସ୍ଥଗିତକଲେ ସର୍ବୋଚ୍ଚ ଅଦାଲତ

ନୂଆଦିଲ୍ଲୀ, ୨୯।୧

ସର୍ବୋଚ୍ଚ ଅଦାଲତ ୟୁଜିସିର ନୂତନ ନିୟମାବଳୀ-୨୦୨୬ କାର୍ଯ୍ୟକାରୀ କରିବାକୁ ସ୍ଥଗିତ ରଖିଛନ୍ତି। ଏହା କେବଳ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ସମ୍ପ୍ରଦାୟ ସଦସ୍ୟମାନଙ୍କୁ ସଂରକ୍ଷଣର ଲାଭ ପ୍ରଦାନ କରୁଥିବା ବେଳେ ସାଧାରଣ କିମ୍ବା ଉଚ୍ଚ ଜାତିକୁ ସମାନ ସୁରକ୍ଷା ପ୍ରଦାନ ନକରି ପକ୍ଷପାତମୂଳକ ବୋଲି ଅଭିଯୋଗ କରାଯାଇଛି। ଅଦାଲତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ କହିଛନ୍ତି ଯେ, ଏହି ନିୟମାବଳୀ ଅତ୍ୟଧିକ ବ୍ୟାପକ। ଏହାକୁ ଭଲ ଭାବରେ ଦେଖିବା ଆବଶ୍ୟକ। ବର୍ତ୍ତମାନ ପାଇଁ ୟୁଜିସି ନିୟମାବଳୀ ୨୦୧୨ ବଳବତ୍ତର ରହିବ। ଏହାସହ ଅଦାଲତ କେନ୍ଦ୍ର ସରକାର ଏବଂ ୟୁଜିସିକୁ ୨୦୨୬ ନିୟମାବଳୀର ନିୟମ ୩(ଗ)କୁ ଚ୍ୟାଲେଞ୍ଜ କରି *(ପୃଷ୍ଠା ୭ରେ)*


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA Tier 1 Re-accredited by NBA | ABET (US) Accreditation | IET Accredited Programme, The Institute of Engineering and Technology | Special Consultative Status by the UN-ECOSOC | Partnership with UN Volunteers

KIITEE 2026
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)




Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes
[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion/Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc. (Fintech & Business Analytics)
- B.Sc. (Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA-Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights
750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ଆମାଜନ କରିବ ବଡ଼ ଧରଣର ଛଟେଇ ! ୧୬,୦୦୦ କର୍ମଚାରୀ ହରାଇବେ ଚାକିରି

ଇ-କମର୍ସ କମ୍ପାନି ଆମାଜନ ପୁଣି ଥରେ ବଡ଼ ଧରଣର ଛଟେଇ ପାଇଁ ପ୍ରସ୍ତୁତ ହେଉଛି । ମିଡିଆ ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୭ ତାରିଖରୁ ନୂତନ ଛଟେଇ ଆରମ୍ଭ କରିପାରେ କମ୍ପାନୀ । ଯାହା ବିଶ୍ୱବ୍ୟାପୀ ପ୍ରାୟ ୧୬ ହଜାର କର୍ମଚାରୀଙ୍କୁ ପ୍ରଭାବିତ କରିପାରେ । ଏଥର, ଭାରତରେ କାର୍ଯ୍ୟରତ ଦଳଗୁଡ଼ିକ ଅଧିକ ପ୍ରଭାବିତ ହେବାର ଆଶା କରାଯାଉଛି । Amazon Web Services (AWS) ଏବଂ Prime Video ଭଳି ପ୍ରମୁଖ ବିଭାଗଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇପାରେ । କୁହାଯାଉଛି ଯେ ଏହି ପଦକ୍ଷେପ କମ୍ପାନୀର ବୃହତ ପୁନର୍ଗଠନ ଯୋଜନାର ଏକ ଅଂଶ । କମ୍ପାନୀର ଯୋଜନା ଅନୁଯାୟୀ, ଜୁନ୍ ୨୦୨୬ସୁଦ୍ଧା ପ୍ରାୟ ୩୦ ହଜାର କର୍ପୋରେଟ୍ ଚାକିରି ଯାଇପାରେ । ଏଥର ଛଟେଇର ପରିସର ପୂର୍ବ ଅପେକ୍ଷା ଅଧିକ ହୋଇପାରେ ଏବଂ ଏହା ଅନେକ ଦେଶକୁ ପ୍ରଭାବିତ କରିବ । ଭାରତରେ କାମ କରୁଥିବା ଟିମଗୁଡ଼ିକ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତର ହେବାର ଆଶଙ୍କା କରାଯାଉଛି । ବ୍ଲାଇଣ୍ଡ ଏବଂ ରେଡିଟ୍ ଭଳି ପ୍ଲାଟଫର୍ମରେ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଅନେକ ରିପୋର୍ଟ ଏବଂ ଆଲୋଚନା ଅନୁଯାୟୀ, ଆମାଜନ ଆଗାମୀ ଦିନରେ ଚାକିରି କାଟ ଘୋଷଣା କରିପାରେ । କୁହାଯାଉଛି ଯେ, ଏଥର ଭାରତରେ କାମ କରୁଥିବା କର୍ମଚାରୀ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରନ୍ତି । ଆମାଜନ ୱେବ୍ ସର୍ଭିସେସ୍ ଏବଂ ପ୍ରାଇମ୍ ଭିଡିଓ ସହିତ ଜଡିତ କର୍ମଚାରୀମାନେ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଆମାଜନର ଏହି ରିଷ୍ଟ୍ରକ୍ଚରିଂ ଅଭିଯାନ ୨୦୨୫ ଶେଷ ଭାଗରେ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ, କମ୍ପାନୀ ଅକ୍ଟୋବରରେ ପ୍ରାୟ ୧୪ ହଜାର ହ୍ୱାଇଟ୍-କଲର ପଦବୀକୁ ହଟାଇଥିଲା । ବର୍ତ୍ତମାନ ବିଶ୍ୱାସ କରାଯାଉଛି ଯେ, ସମାନ ପ୍ରକ୍ରିୟାର ଅଂଶ ସ୍ୱରୂପ ଆହୁରି ଛଟେଇ କରାଯାଇପାରେ । ୨୦୨୫ ମସିହାର ଶେଷ ଭାଗରେ ପ୍ରକାଶିତ ରଏଟର୍ସ ରିପୋର୍ଟ ଅନୁଯାୟୀ, ଆମାଜନ ଏକ ବଡ଼ ରିଷ୍ଟ୍ରକ୍ଚରିଂ ଅଭିଯାନର ଯୋଜନା କରିଛି । ଏହି ଯୋଜନା ଅନୁଯାୟୀ, କମ୍ପାନୀ ପ୍ରାୟ ୩୦,୦୦୦ କର୍ମଚାରୀଙ୍କୁ ଚାକିରିରୁ ବିଦା କରିବ । ଏହି ରିପୋର୍ଟ ପରେ, ଆମାଜନ ନିଶ୍ଚିତ କରିଛି ଯେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୪,୦୦୦ ପଦବୀ ଯିବ । କମ୍ପାନୀ ଦ୍ୱିତୀୟ ପର୍ଯ୍ୟାୟ ଛଟେଇ ପାଇଁ ପ୍ରସ୍ତୁତ ହେଉଛି, ଯାହା ଫଳରେ ପ୍ରାୟ ୧୬,୦୦୦ ଅଧିକ ଚାକିରି ହରାଇପାରେ । ଯଦି ଏହା ହୁଏ, ତେବେ ମୋଟ ଚାକିରି ହରାଇବାର ସଂଖ୍ୟା ପ୍ରାୟ ୩୦,୦୦୦ରେ ପହଞ୍ଚିବ । Amazon ରେ ଆଗାମୀ ଛଟେଇ AWS, ପ୍ରାଇମ୍ ଭିଡିଓ, ରିଟେଲ ଅପରେସନ ଏବଂ କମ୍ପାନୀର ଆଭ୍ୟନ୍ତରୀଣ ମାନବ ସମ୍ବଳ ବିଭାଗ, People Experience and Technology (PXT) ସମେତ ଅନେକ ପ୍ରମୁଖ ବିଭାଗକୁ ପ୍ରଭାବିତ କରିପାରେ । ଭାରତରେ କାର୍ଯ୍ୟ କରୁଥିବା କର୍ପୋରେଟ୍ ଦଳଗୁଡ଼ିକ, ବିଶେଷକରି ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଚେନ୍ନାଇରେ ଥିବା କର୍ପୋରେଟ୍ ଦଳଗୁଡ଼ିକ ବିଶେଷ ଭାବରେ ପ୍ରଭାବିତ ହୋଇପାରନ୍ତି । Reddit, Blind, ଏବଂ LinkedIn ଭଳି ପ୍ଲାଟଫର୍ମରେ ଥିବା କର୍ମଚାରୀଙ୍କ ପୋଷ୍ଟ ଅନୁଯାୟୀ, ଜାନୁଆରୀ ୨୭ ତାରିଖରୁ ସପ୍ତାହ ସୁଦ୍ଧା ଛଟେଇ ପ୍ରକ୍ରିୟା ଆରମ୍ଭ ହୋଇପାରେ । ଅନେକ କର୍ମଚାରୀ କହିଛନ୍ତି ଯେ, ପରିଚାଳକ ଏବଂ ବରିଷ୍ଠ ନେତାମାନେ ଏହା ଉପରେ ପୂର୍ବରୁ ସଙ୍କେତ ଦେଇସାରିଛନ୍ତି । କେତେକ ଏହା ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ କାର୍ଯ୍ୟଦକ୍ଷତା ଉନ୍ନତି ଯୋଜନାରେ ଥିବା କର୍ମଚାରୀମାନଙ୍କୁ ଅନ୍ୟ କର୍ମଚାରୀଙ୍କ ପୂର୍ବରୁ ସୂଚିତ କରାଯାଇପାରେ । ଏହା ସହିତ, କିଛି କର୍ମଚାରୀ ପୂର୍ବରୁ ଆଗୁଆ ନୋଟିସ୍ ପାଉଛନ୍ତି ବୋଲି ରିପୋର୍ଟ ଅଛି ।

# କର୍ମର ପରିଣାମ

ବିଷ୍ଣୁ ଚରଣ ଦାଶ
କୁନ୍ଦପୁର, ମଦନପୁର, କେନ୍ଦ୍ରାପଡା ।
ମୋ-୯୧୭୮୬୭୪୫୩

ସଂସାରରେ ମନୁଷ୍ୟ ଏକ ମାତ୍ର ପ୍ରାଣୀ, ଯେକି ସେ ଅନ୍ୟ ପ୍ରାଣୀମାନଙ୍କ ଠାରୁ ସ୍ୱତନ୍ତ୍ର ଅଟେ । ବୁଦ୍ଧି, ବିଚାର, କୌଶଳ, ଦୟାବାନ ହେବାସହ ମିଠା ଦୁଇ ପଦ କଥା କହି ସହଜରେ ଅନ୍ୟକୁ ଆପଣାର କରିପାରେ । ସେଥିପାଇଁ ଅନ୍ୟ ପ୍ରତି ଉପଯୁକ୍ତ ଶବ୍ଦ ପ୍ରୟୋଗ ଭାବିଚିନ୍ତି କରିବା ଉଚିତ୍ । ଏପରି ଶବ୍ଦ ପ୍ରୟୋଗ ନକର ଯାହା ଅନ୍ୟର ଭାବନାକୁ କୁଠାର ଘାତ ନକରୁ । ହୁଏତ ଭବିଷ୍ୟତରେ ସେ ପ୍ରତିହିଂସା ପରାୟଣ ହୋଇ ଆମର କ୍ଷତି ସାଧନ କରିପାରେ। ଏହାରି ଉପରେ ସୁନ୍ଦର ତଥା ଶିକ୍ଷଣୀୟ ଉପାଖ୍ୟାନଟିଏ ।

ଅଠର ଦିନର ମହାଭାରତ ଯୁଦ୍ଧ ସରିଯାଇଛି । ହସ୍ତିନାପୁରର ଚାରିଆଡେ ବିଧବା ମାନଙ୍କର କ୍ରନ୍ଦନ ସ୍ୱର ସାଙ୍ଗକୁ ଶ୍ୱାନ ଶୃଗାଳଙ୍କର ବିକଟାଳ ରଡି ଶୁଣାଯାଉଛି । ରାଜମହଲରେ ଦ୍ରୌପଦୀ ନିରବ, ନିଶ୍ଚଳରେ ବସି ଉଦାସ ମନରେ ଶୂନ୍ୟକୁ ଅନାଇଥାନ୍ତି । ଏହି ସମୟରେ ହଠାତ୍ ଆସି ଦ୍ରୌପଦୀଙ୍କ ଉଆସରେ ପହଁଞ୍ଚିଗଲେ ଶ୍ରୀକୃଷ୍ଣ । ତାଙ୍କୁ ପାଖରେ ପାଇ ଉଚ୍ଚ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲେ । ଶ୍ରୀକୃଷ୍ଣ ଏହାର କାରଣ ପଚାରନ୍ତେ ଦ୍ରୌପଦୀ କହିଲେ-ଇଏ କଣ ହେଲା ସଖା ?ମୁଁ ତ ଏପରି ହେବ ବୋଲି କେବେ ଚିନ୍ତା କରି ନଥିଲି। ଦ୍ରୌପଦୀଙ୍କର ମନର ଭାବନାକୁ ବୁଝିପାରି କୃଷ୍ଣ କହି ଉଠିଲେ-ନିୟତି ବହୁତ କ୍ରୁର ପାଞ୍ଚାଳୀ, ଆମେ ଯାହା ଚିନ୍ତା କରିବା ତହାର ଅନୁରୂପ କେବେବି ଚାଲିପାରିବ ନାହିଁ । ସେ ଆମର କର୍ମକୁ ଉପଯୁକ୍ତ ପରିଣାମରେ ବଦଳାଇ ଦିଏ । ତୁମେ ତ ସହଜରେ ପ୍ରତିଶୋଧ ନେବାକୁ ଚାହୁଁଥିଲ ଓ ସେଥିରେ ମଧ୍ୟ ସଫଳ ହେଲ । ଖାଲି ଦୁର୍ଯ୍ୟୋଧନ କିମ୍ବା ଦୁଃଶାସନ ନୁହଁନ୍ତି, ପୁରା କୌରବ ତ ସମାପ୍ତ ହୋଇଗଲେ । ତୁମେ ତ ପ୍ରସନ୍ନ ହେବା କଥା । ଏଥିରେ ଦୁଃଖ କରିବାର କିଛି ବି କାରଣ ନାହିଁ । ଦ୍ରୌପଦୀ ତତକ୍ଷଣାତ କହିଲେ-ସଖା ତୁମେ ମୋ ଘା’ରେ ମଲମ ଲଗାଇବାକୁ ଆସିଛ ନା ଲୁଣ ଛିଞ୍ଚିବାକୁ ଆସିଛ ? ଏହା ଶୁଣି ଶ୍ରୀକୃଷ୍ଣ ବୁଝେଇବାକୁ ଯାଇ ଦ୍ରୌପଦୀଙ୍କ ଉଦ୍ଦେଶ୍ୟରେ କହିଲେ-ନା ଦ୍ରୌପଦୀ, ମୁଁ ତ ତୁମକୁ ବାସ୍ତବତା ଅବଗତ କରାଇବାକୁ ଆସିଛି । ଆମର କର୍ମର ପରିଣାମ ଆମକୁ ବହୁଦୂର ପର୍ଯ୍ୟନ୍ତ ଦେଖାଯାଏ ନାହିଁ, ଆଉ ଯେତେବେଳେ ଆମକୁ ଦେଖାଦିଏ, ସେତେବେଳେ ଆମ ହାତରେ ଆଉ କିଛି ନଥାଏ । ଏ କଥାକୁ ତୁମେ ଭଲ ଭାବରେ ମନେ ପକାଅ ଦ୍ରୌପଦୀ । ତୁମର ସ୍ୱୟଂବର ସଭାରେ ତୁମେ କର୍ଣ୍ଣକୁ ଅପମାନିତ ନକରି ଯଦି ସେଥିରେ ଭାଗ ନେବା ପାଇଁ ଅନୁମତି ଦେଇଥାନ୍ତ,ବୋଧହୁଏ ପରିଣାମ ଆଉକିଛି ହୋଇଥାନ୍ତା । ତୁମେ ତୁମର ମହଲରେ ଦୁର୍ଯ୍ୟୋଧନକୁ ଅନ୍ଧର ପୁତ୍ର ଅନ୍ଧ ବୋଲି କହି ଅପମାନିତ କରିନଥାନ୍ତ, ତା ହେଲେ ତୁମର ବସ୍ତ୍ରହରଣ ହୋଇନଥାନ୍ତା । ଆଉ ସେହି ଅପମାନର ପ୍ରତିଶୋଧ ନେବା ପାଇଁ ବେଣୀ ଉନ୍ମୁକ୍ତ ରଖି ଦୁଃଶାସନର ରକ୍ତରେ କେଶ ଧୋଇବ ବୋଲି ପଣ କରିନଥିଲେ ହୁଏତ ଆଜି ତୁମକୁ ଏପରି ଅବସ୍ଥାକୁ ଦେଖିବାକୁ ପଡି ନ ଥାନ୍ତା । ଆଉ ଗୋଟିଏ ମୁଖ୍ୟ କଥା ହେଲା, ଆମରି ଶବ୍ଦ ଆମରି କର୍ମ ହୋଇଥାଏ । ତେଣୁ ଆମକୁ କାହା ପ୍ରତି ଶବ୍ଦ ପ୍ରୟୋଗ ପୂର୍ବରୁ ଭାବିଚିନ୍ତି କହିବାକୁ ପଡିଥାଏ । ଅନ୍ୟଥା ତାହାର କୁପରିଣାମ କେବଳ ନିଜକୁ ନୁହେଁ ବରଂ ପୂରା ପରିବେଶକୁ ଦୁଃଖୀ କରି ଦେଇଥାଏ । ନିୟତିର ଏହି ଭାଗ୍ୟ ଖେଳକୁ ଆଦରରେ ଗ୍ରହଣପୂର୍ବକ ଅଯଥାରେ ଶୋକାତୁର ନୀତିକୁ ପରିତ୍ୟାଗ କର-ଏ ସମସ୍ତ କଥା କହି ସାରି ଶ୍ରୀକୃଷ୍ଣ ଉଆସରୁ ବାହାରି ଆସିଲେ । ଶ୍ରୀକୃଷ୍ଣଙ୍କ ମୁଖରୁ ପ୍ରକୃତ ସତ୍ୟ ଓ ଆଶ୍ୱାସନା ବାଣୀ ଶୁଣିଲାପରେ ଦ୍ରୌପଦୀଙ୍କ ମନୋଭାବ ସଂପୂର୍ଣ୍ଣ ବଦଳି ଯାଇଥିଲା ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୩)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ହଁ ତାଙ୍କର ଆଉ ଗୋଟିଏ କଥା ତାଙ୍କ ମତରେ ଗଭୀର ଆଲୋଡନ ସୃଷ୍ଟି କରୁଛି । ଯେଉଁ ସେବାୟତ ମାନେ ଦାରୁର ସନ୍ଧାନ ପାଇଁ ଯେଉଁଭଳି ମଠରେ ଅଧିଆପଡେ ଏବଂ ସେହି ମଠରେ ଦେଇଥିବା ସ୍ୱପ୍ନାଗତରେ ନିର୍ଦ୍ଦେଶାନୁସାରେ ଦଇତାପତିମାନେ ଦାରୁର ସଠିକ ସନ୍ଧାନ କରିଥାନ୍ତି । ଏହା ତ ପୁଣି ସ୍ୱପ୍ନରେ ନିର୍ଦ୍ଦେଶ ମିଳେ । ତେବେ ମୁଁ ଦେଇଥିବା ସ୍ୱପ୍ନ କାହିଁକି ସତ ନ ହେବ ? ଦଇତାପତିମାନଙ୍କଠାରୁ ଓ ସେ କିଛି କମ ନୁହେଁ । ବିଶ୍ୱର ସବୁଠାରୁ ଶ୍ରେଷ୍ଠ ଯାତ୍ରା ମହାପ୍ରଭୁଙ୍କର ନବକଳେବର ଯେତେବେଳେ ସ୍ୱପ୍ନର ମାର୍ଗଦର୍ଶନରେ ସମ୍ପାଦିତ ହୋଇଥାଏ, ତେବେ ସେ ନିଜେ ଦେଖିଥିବା ସ୍ୱପ୍ନ ଅନୁସାରେ କାହିଁକି ପୂର୍ଣ୍ଣାଙ୍ଗ ନ ହେବ ? ଏହିଭଳି ବିକ୍ଷିପ୍ତ ଚିନ୍ତାରେ ଦିନରାତି ଅତିଷ୍ଠ ହୋଇପଡୁଛନ୍ତି ବିଶର । ଆଉ ଭଲ ଲାଗୁନି ତାଙ୍କୁ ମନକୁ ଯେତେ ବୁଝାଇବାକୁ ଚେଷ୍ଟା କଲେ ବି ମନ ମୋଟେ ବୁଝୁନି । ଯେଉଁଆଡକୁ ଚାହୁଁଛନ୍ତି ବିଶର, ସବୁଆଡେ ବିରାଟ ଶୂନ୍ୟତା , ଆଉ ସେହି ଦିଗନ୍ତ ବିସ୍ତାର ଶୂନ୍ୟତା ଭିତରେ ଅହରହ ହୃଦୟରୁ ଗୁଞ୍ଜରିତ ହୋଇଯାଉଛି ଜୟ ଜଗନ୍ନାଥ, ଜୟ ଜଗନ୍ନାଥ । ଏହି ପ୍ରିୟ ଶବ୍ଦ ହେଉଛି ତାଙ୍କ ଜୀବନର ସବୁଠାରୁ ଅମୂଲ୍ୟ ସମ୍ପଦ ହିମାଳୟ ପର୍ବତ ସଦୃଶ ସୁଖ, ସମ୍ପଦ, ଐଶ୍ୱର୍ଯ୍ୟର ଗୋଟିଏ ନଭଶ୍ଚୁମ୍ବୀର ପାହାଡ । ଯଦି କେହି ବିଶରଙ୍କୁ ପ୍ରଦାନ କରେ ତେବେ ଏହି ଅମାପ ସମ୍ପଦକୁ ଅକ୍ଳେଶରେ ପରିତ୍ୟାଗ କରି ଦେଇ କେବଳ ଜଗନ୍ନାଥଙ୍କ ନାମକୁ ଆନନ୍ଦରେ ଜୀବନବ୍ୟାପୀ ଭଜନ କରିବାରେ ସାକ୍ଷୀ ପଡିବେ । ଏହି ଅବିଚଳିତ ଅବସ୍ଥା ତାଙ୍କ ଜୀବନରେ ଗୋଟାଏ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଯାହା କି ଆମ୍ଭମାନଙ୍କ ନିକଟରେ ନଥାଏ । ସ୍ୱପ୍ନରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଦର୍ଶନ କରିବା ପରେ ସେ ପାଗଳ ପ୍ରାୟ ହେଉଛନ୍ତି । ଦୀର୍ଘ ୧୮ ବର୍ଷ ଭିତରେ ସେ ସମୟେ ସମୟେ ବିଚଳିତ ହୁଅନ୍ତି । କିନ୍ତୁ ଏହି ମାତ୍ର କିଛି ଦିନ ହେବ ସେ ଏତେ ବିଚଳିତ ଲାଗୁଛନ୍ତି ଯେ, ଯାହାକୁ ଦେଖି କୁଜଙ୍ଗଗଡର ଲୋକମାନେ ଚିନ୍ତିତ ହୋଇପଡୁଛନ୍ତି । କୁଜଙ୍ଗର ଲୋକମାନେ ବିଶର ମହାନ୍ତିଙ୍କର ଏ ଅତିଶୟ ବିଚଳିତ ଭାବକୁ ଦେଖି ଏହାର କାରଣ ସମ୍ପର୍କରେ ବିଶରଙ୍କୁ ପଚାରିଲେ ମଧ୍ୟ କାହାର ଆଗରେ ଏ ଅଦ୍ଭୁତ କଥାକୁ କହିପାରୁନାହାନ୍ତି । ବିଶର ବି ଭଲ ଭାବେ ଜାଣନ୍ତି ଏବଂ ଅତି ନିକଟରୁ ଦେଖିଛନ୍ତି ଏ ଲୋକମାନଙ୍କର ଚରିତ୍ରକୁ । ଏଠାରେ କେହି ବି କାହାରିକୁ କୁହନ୍ତି ଏ ଦୁନିଆରେ କେବଳ ଜଗନ୍ନାଥଙ୍କ ବ୍ୟତୀତ । ହାତ ଗୋଡ ଚଳୁଥିବା ପର୍ଯ୍ୟନ୍ତ ଦେଉଥିଲେ ନେଉଥିଲେ ସମସ୍ତେ ନିଜର ଭଳି ଦୃଶ୍ୟମାନ ହୁଅନ୍ତି । ଯେଉଁଠାରେ ତୁମର ଗୋଡ ହାତ ଅଚଳ ହୋଇଯିବ ଆଖିକୁ ଦିଶୁନଥିବ, କାନକୁ ଶୁଭୁନଥିବ, କଥା କହିପାରୁନଥିବ, ହସ୍ତ ପଦ ନିସ୍ତେଜ ହୋଇଯାଇଥିବ, ସେତେବେଳେ ଅବଶ୍ୟ ତୁମ ପରିବାରର ଲୋକେ କିଛି ଦିନ ଯଥା ସମ୍ଭବ ତୁମର ସେବା କରିବେ । ଯେତେବେଳେ ସମ୍ପୂର୍ଣ୍ଣ ହୋଇଯିବ ନିଜ ଲୋକଙ୍କ ଆଡକୁ ଆଖିରେ ଚାହିଁନି । କେବଳ ତାଙ୍କ ମୂର୍ତ୍ତିକୁ ଚାହିଁଥିବେ । କେମିତି ଏ ଲୋକର ମୃତ୍ୟୁ ହୋଇଯାଆନ୍ତା କି, ପଡୋଶୀମାନେ ବି ପରସ୍ପର ମଧ୍ୟରେ ଗୁଞ୍ଜରଣ ସୃଷ୍ଟି କରିବେ । ଲୋକଟା ବୋଧେ ଜୀବନରେ କିଛି ପାପ କରିଥିଲା କେଜାଣି ଜୀବନଟା ଯାଉନି କାହିଁକି । ଏହିପରି କେତେ କେତେ କଥା କହିଚାଲିବେତ, ତାହାର ହିସାବ ନାହିଁ । ମଣିଷ ଯେଉଁ ଲୋକର ଅଧିକ ଉପକାର କରିଥିବ ସେ ଲୋକ ପୁଣି ଏତେ ବଡ ଶତ୍ରୁ ଭାବରେ ଛିଡା ହେବ । ଯାହାକି ଭାବିଲେ ଏ ଦୁନିଆଟା ଗୋଟାଏ ବିଶ୍ୱାସଘାତକ ମାନଙ୍କର ସାମ୍ରାଜ୍ୟ ବୋଲି ଜାଣିପାରିବ । ଏହି ବିଶ୍ୱାସଘାତକମାନଙ୍କର ସଡଯନ୍ତ୍ରରେ ଆକ୍ରାନ୍ତ ହୋଇ ଓଡ଼ିଶାର ଇଷ୍ଟ ଦେବ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ ଆଦି ନିର୍ଜନ ଅରଣ୍ୟରେ ବିରାଜିତ ହୋଇଛନ୍ତି । ଏହି ତ ଲୋକ ... କିନ୍ତୁ ବିଶରମହାନ୍ତିଙ୍କ ଏଠାରେ ନିଜର ଅଛି କିଏ । କେହି ନାହାନ୍ତି । ଯିଏ ବି ଏଠାରେ ଅଛନ୍ତି ସିଏ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ ।



ଆଉ ଜଣେ ହେଉଛି କଳ୍ପନା, ଯାହାକୁ ନଦୀ କୂଳରୁ ସେ ଉଦ୍ଧାର କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପତ୍ନୀ ରୂପରେ ସମର୍ପର କରାଇ ଦେବ ଦାସୀ ସେବାରେ ନିୟୋଜିତ କରିଦେଇଛନ୍ତି । ଜଗନ୍ନାଥ ହେଲେ ବିଶରଙ୍କ ପିତା, ମାତା, ବନ୍ଧୁ ସହଦର । ଆଉ ମାହାରି କଳ୍ପନା ହେଉଛି ବିଶରଙ୍କ ମା । ମାହାରୀ କଳ୍ପନା ଆଜକୁ ୧୮ ବର୍ଷ ହେଲା ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ କରି ସଫଳତାର ଶୀର୍ଷରେ ପହଞ୍ଚି ସାରିଲେଣି । ବିଶର କାଲି ପାଗଳ ପରି ହେଉଛନ୍ତି । କୁଜଙ୍ଗଗଡରେ ଆଉ ମନେ ରହୁନାହିଁ ବିଶର ସଦାବେଳେ ଶ୍ରୀକ୍ଷେତ୍ର କଥା ମନେ ପକାଇ ଝୁରି ହେଉଛନ୍ତି । ଶ୍ରୀକ୍ଷେତ୍ରରେ ସେହି ମାଟିପାଣି ପବନକୁ । ଏହି ତୀବ୍ର ବୈରାଗ୍ୟ ଭାବକୁ କୁଜଙ୍ଗଠାରେ ପ୍ରଜାମାନେ ରାଜା ଗୋପିନାଥ ନରେନ୍ଦ୍ରଙ୍କ କାନରେ ପକାଇଲେ । ଗୋପିନାଥ ମରେନ୍ଦ୍ର ମଧ ସାମାନ୍ୟତମ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ମହାରାଣୀ ମୁକ୍ତାଶାଳାଙ୍କୁ ଭଲ ଭାବରେ କହିଲେ । ଦିନେ କହିଲେ ମହାରାଣୀଙ୍କ ଆଦେଶ କ୍ରମେ ତାଙ୍କ ନିକଟରେ ବିଶର ମହାନ୍ତି ଉପସ୍ଥିତ ଥିଲେ । ଧୂସର ଅପରାହ୍ନ ମହାରାଣୀ ବସିଛନ୍ତି ତାଙ୍କ ବିଶ୍ରାମ କକ୍ଷରେ ମଥା ମଣ୍ଡଳଟା ଦୁଃଖରେ ଝାଉଁଳିପଡିଛି । ରାଜନଅରଟା ସମ୍ପୂର୍ଣ୍ଣ ନିରବତା ମଧରେ ଗତି କଲା ଭଳି ଜଣାପଡୁଛି । ବିଶର ଅତ୍ୟନ୍ତ ବିନମ୍ର ଭାବରେ ପ୍ରଣାମ କଲେ ମହାରାଣୀ । ଗୋଟିଏ ଚୌକିରେ ବସିବା ପାଇଁ ନିର୍ଦ୍ଦେଶ କଲେ ବିଶରଙ୍କୁ । ମହାରାଣୀ ବିଶରଙ୍କ ଶୁଖିଲା ମୁଖମଣ୍ଡଳକୁ ଲକ୍ଷ୍ୟ କରି ପଚାରିଲେ ବିଶର ତୁମ ମସ୍ତକଟା ଏପରି ଶୁଖିଯାଇଛି କାହିଁକି ? ତୁମକୁ ଏହି ରାଜ୍ୟରେ କେହି ବାଧିଲା ଭଳି ବ୍ୟବହାର କରିଛନ୍ତି ? ମହାରାଜୀ ତୁମକୁ କିଛି ଅପମାନଜନକ ଶବ୍ଦରେ ତିରସ୍କାର କରିଛନ୍ତି କି ?ଖାଦ୍ୟ ପାନୀୟ କୌଣସି ସମସ୍ୟା ଦେଖାଦେଇଛି କି ? ଯଦି କୌଣସି କ୍ଷେତ୍ରରେ କିଛି ବି ଘଟଣା ଘଟୁଥିବ ତେବେ ମୋତେ ସ୍ପଷ୍ଟ ଭାବେ କୁହ । ମୁଁ ଏହି କ୍ଷଣି ସେ ସବୁ ସମସ୍ୟାର ସମାଧାନ କରିଦେବି । କ୍ରମଶଃ....

# କେତେ ଥର ହୃଦୟ ମୋ ଭାଙ୍ଗିବ କୁହ



ଅରୁଣ କୁମାର ତ୍ରିପାଠୀ
ମୋ: ୯୦୭୮୮୩୮୬୨୭

ମଣିଷର ଜୀବନରେ ହୃଦୟ ଭାଙ୍ଗିବା କୌଣସି ଏକକ ଘଟଣା ନୁହେଁ; ଏହା ଏକ ନୀରବ ପ୍ରକ୍ରିୟା । ଆମେ ଯେତେବେଳେ ଏହି ପ୍ରଶ୍ନ କରୁ "କେତେ ଥର ହୃଦୟ ମୋ ଭାଙ୍ଗିବ କୁହ ?" - ସେତେବେଳେ ଆମେ ନିଜ ଭିତରର ଆଘାତ, ଅଭିମାନ, ଆଶା ଓ ଅପୂରଣୀୟ ସ୍ୱପ୍ନମାନଙ୍କୁ ଏକାସାଥିରେ ଆବାହନ କରୁଛେ । ବାଲ୍ୟକାଳରୁ ଆମେ ଆଶା କରିବା ଶିଖୁ । ମାଆ ବାପାଙ୍କ ଉପରେ, ଶିକ୍ଷକଙ୍କ ଉପରେ, ପରେ ସାଙ୍ଗ, ପ୍ରେମ, ସମାଜ ଓ ବ୍ୟବସ୍ଥା ଉପରେ । କିନ୍ତୁ ପ୍ରତ୍ୟେକ ଆଶା ସହ ଲୁଚିଥାଏ ଏକ ଭୟ ଭାଙ୍ଗିଯିବାର । ହୃଦୟ ଯେତେବେଳେ ଭାଙ୍ଗେ, ଆମେ ଭରସା ରଖୁଥିବା ଲୋକଟି ଚୁପଚାପ ଦୂରେଇଯାଏ, କିମ୍ବା ପ୍ରତିଶ୍ରୁତି ଶବ୍ଦରେ ରହିଯାଏ, କାର୍ଯ୍ୟରେ ନୁହେଁ ।

ପ୍ରେମ ଏଠାରେ ସବୁଠାରୁ ସୁନ୍ଦର ଓ ସବୁଠାରୁ ବେଦନାଦାୟକ ଅଧ୍ୟାୟ । ପ୍ରେମ ଆସିଲେ ହୃଦୟ ମୁଖରିତ ହୁଏ, ସ୍ୱପ୍ନ ଚେରେଇଯାଏ ; ପ୍ରେମ ଭାଙ୍ଗିଲେ ହୃଦୟ ଭିତରେ ଶବ୍ଦହୀନ କଷ୍ଟ ହୁଏ । କେତେକ ଅନୁଭବ ଆମ୍ଭଙ୍କୁ କଠୋର କରେ, ଆଉ କେତେକ ଆମ୍ଭଙ୍କୁ କରାଏ ଅଧିକ ସମ୍ବେଦନଶୀଳ । କେବଳ ପ୍ରେମ ନୁହେଁ-କାର୍ଯ୍ୟକ୍ଷେତ୍ର, ଶିକ୍ଷା, ନ୍ୟାୟ ବ୍ୟବସ୍ଥା, ରାଜନୀତି ସବୁଠି ହୃଦୟ ଭାଙ୍ଗେ । ଯୋଗ୍ୟତା ଥିଲେ ମଧ୍ୟ ସୁଯୋଗ ନମିଳିଲେ, ଶ୍ରମର ମୂଲ୍ୟାୟନ ନହେଲେ, ନ୍ୟାୟ ଉଚ୍ଛୁର ହେଲେ ହୃଦୟ ଭାଙ୍ଗେ । ଏହି ଭାଙ୍ଗିବା ପ୍ରକ୍ରିୟା ଦୃଶ୍ୟମାନ ନୁହେଁ, କିନ୍ତୁ ଗଭୀର । ତଥାପି, ପ୍ରଶ୍ନ ହେଉଛି ହୃଦୟ କେତେ ଥର ଭାଙ୍ଗିଲେ ଆମେ ହାରିଯିବା ଉଚିତ ? ନା ଏହି ପ୍ରତ୍ୟେକ ଭଙ୍ଗା ଆମକୁ ନୂଆ ଭାବେ ଗଢ଼ିବାକୁ ଶିଖାଏ । ହୃଦୟ ଭାଙ୍ଗିବାର ଅନୁଭବ ଆମ ଦେହରେ ମଣିଷର ବିଶେଷତ୍ୱ ମାନଙ୍କୁ ସଜାଗ ରଖେ । ଯଦି ହୃଦୟ କେବେ ଭାଙ୍ଗିନଥାନ୍ତା, ଆମେ ସମ୍ବେଦନା, କରୁଣା ଓ ସହାନୁଭୂତି କିପରି ଶିଖୁଥାନ୍ତେ ?

ପାଖ ବିଶ୍ୱବିଦ୍ୟାଳୟରେ ଘଟିଥିବା ଘଟଣା ଯେଉଁଠାରେ ଜଣେ ଯୁବ ଛାତ୍ର ହାତର ଧମନୀ କାଟି ଓ ଅଧିକ ପରିମାଣର ଔଷଧ ସେବନ କରି ନିଜ ଜୀବନ ହାରିବାକୁ ଚେଷ୍ଟା କଲେ ଆମ ସମାଜର ମନସ୍ତତ୍ତ୍ୱ ଉପରେ ଏକ ଭୟଙ୍କର ପ୍ରଶ୍ନ ଛାଡ଼ିଦେଇଛି । ଏହା କେବଳ ଗୋଟିଏ ଛାତ୍ରର ବ୍ୟକ୍ତିଗତ ଦୁଃଖ ନୁହେଁ; ଏହା କ୍ୟାମ୍ପସ ସଂସ୍କୃତି, ପରିବାରୀୟ ଦୂରତା, ଅପରିପକ୍ୱ ପ୍ରେମ ଓ ଅନିୟନ୍ତ୍ରିତ ଚାପର ଏକ ସଂଯୁକ୍ତ ପରିଣାମ ।

ନିଷ୍କର୍ଷ ଜଣାଏ ଯେ ଭାରତରେ ଛାତ୍ର ଆତ୍ମହତ୍ୟାର ପରିସ୍ଥିତି ଗଭୀର ଓ ଚିନ୍ତାଜନକ । ଜାତୀୟ ଅପରାଧିକ ପଞ୍ଜିକରଣ ସଂସ୍ଥାର ୨୦୨୪ ଏବଂ ୨୦୨୫ ପାଇଁ ତଥ୍ୟ ଉପଲବ୍ଧ ନୁହଁ । ସଦ୍ୟତମ ତଥ୍ୟ ୨୦୨୩ ପାଇଁ ଉପଲବ୍ଧ ରହିଛି । ଏହି ବିବରଣୀ ଅନୁସାରେ ୧୩୮୯୨ ଛାତ୍ର ପୂର୍ବବର୍ଷ ତୁଳନାରେ ଆତ୍ମହତ୍ୟାରେ ମୃତ୍ୟୁବରଣ କରିଛନ୍ତି, ଯାହା ସମଗ୍ର ଆତ୍ମହତ୍ୟାର ୮.୧ ଅଂଶ ଅଟେ । ଏହି ଭୟାବହ ପରିସ୍ଥିତିରେ କିଛି ରାଜ୍ୟର ହାର ଅନ୍ୟମାନଙ୍କଠାରୁ କାହିଁ କେତେ ଅଧିକ ! ମହାରାଷ୍ଟ୍ରରେ ସବୁଠାରୁ ଅଧିକ ୨୦୪୬ ଶିକ୍ଷାର୍ଥୀ ଆତ୍ମହତ୍ୟା ଘଟିଛି, ଯାହା ସମସ୍ତ ଆତ୍ମହତ୍ୟାର ପ୍ରାୟ ୧୪.୭ ଅଂଶ; ତା’ପରେ ମଧ୍ୟ ପ୍ରଦେଶ ୧୪୫୯, ଉତ୍ତର ପ୍ରଦେଶ ୧୩୭୩ ଓ ତାମିଲନାଡୁ ୧୩୩୯ ରେ ଅଛନ୍ତି । ଏହି ରାଜ୍ୟମାନେ ସାରା ଦେଶର ଛାତ୍ର ଆତ୍ମହତ୍ୟାର ବଡ଼ ଅଂଶର କାଳିମା ମୁଣ୍ଡେଇ ଅଛନ୍ତି । ଏହି ଶତକଡ଼ାର ବିଶ୍ଳେଷଣ କହେଯେ ଆତ୍ମହତ୍ୟା କେବଳ ଶୈକ୍ଷିକ ଅନୁଷ୍ଠାନ ବା ପରୀକ୍ଷା ଜନିତ ଚାପ ପରି ଘଟଣା ନୁହେଁ, ଏହା ସାମାଜିକ, ପରିବାର ଜନିତ ତଥା ଆର୍ଥିକ ଚାପ ପରିସ୍ଥିତିର ଫଳ । ରାଷ୍ଟ୍ରୀୟ ଅପରାଧ ପଞ୍ଜିକରଣ ସଂସ୍ଥାର ତଥ୍ୟ ଅନୁସାରେ, ୨୦୨୨ ମସିହାରେ ସାରା ଭାରତରେ ଘଟିଥିବା ଆତ୍ମହତ୍ୟା ଘଟଣାମାନଙ୍କ ମଧ୍ୟରୁ ପ୍ରାୟ ୩୫ ଶତକଡ଼ା ମୃତ୍ୟୁ ୧୮ ରୁ ୩୦ ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ଘଟିଛି । ଏଥିରୁ ସ୍ପଷ୍ଟ ହୁଏ ଯେ ଆତ୍ମହତ୍ୟା ଆଜି ବୃଦ୍ଧାବସ୍ଥାର ସମସ୍ୟା ନୁହେଁ, ବରଂ ଯୁବମାନସର ଏକ ଭୟଙ୍କର ସଙ୍କଟ । ଓଡ଼ିଶାରେ ମଧ୍ୟ ଏହି ପ୍ରବୃତ୍ତି ଚିନ୍ତାଜନକ । ରାଜ୍ୟରେ ଘଟୁଥିବା ଆତ୍ମହତ୍ୟା ଘଟଣାମାନଙ୍କ ମଧ୍ୟରୁ ଅଧିକାଂଶ ଘଟଣାରେ ଯୁବପିଢ଼ିର ଅଂଶ ୩୦ ଶତକଡ଼ାରୁ ଅଧିକ ଥିବାର ତଥ୍ୟ ସାମ୍ନାକୁ ଆସିଛି । ଏହି ଶତକଡ଼ା କେବଳ ଗଣିତ ନୁହେଁ; ଏହା ଯୁବାଙ୍କ ସ୍ୱପ୍ନ ଭାଙ୍ଗିବାର ନିରବ ସାକ୍ଷ୍ୟ ।

କଲେଜ ଜୀବନରେ ପ୍ରେମ ପ୍ରାୟତଃ ଆବେଗରେ ଆସେ, ବୁଦ୍ଧିରେ ନୁହେଁ । ଏଥିନିମନ୍ତେ କ୍ଷରଣ ହେଉଥିବା କିଛି ରସାୟନ ମୁଖ୍ୟତଃ ଦାୟୀ । ଏଗୁଡ଼ିକ ଯୁବ ବୟସରେ କ୍ଷରଣ ହେବା ପ୍ରକୃତିର ନିୟମ । ଉଦାହରଣ ସ୍ୱରୂପ ଅକ୍ସିଟସିନ ବିଶ୍ୱାସ ଓ ଆସକ୍ତି ସୃଷ୍ଟି କରେ, ଡୋପାମାଇନ ଆନନ୍ଦ ଓ ଆଶାର ମିଥ୍ୟା ଉଚ୍ଚତା ଦିଏ, ଆଉ ସେରୋଟନିନ ମନସ୍ଥିତିକୁ ନିୟନ୍ତ୍ରଣ କରେ । ଏହି ରସାୟନିକ ଝଡ଼ରେ ଯୁବମନ ଭାବିଥାଏ ଏହି ପ୍ରେମଟି ହିଁ ସବୁକିଛି । କିନ୍ତୁ ଯେତେବେଳେ ସେଇ ପ୍ରେମରେ ବିଶ୍ୱାସଘାତକତା, ଅବହେଳା ବା ଅନ୍ୟ କାହାର ପ୍ରବେଶ ହୁଏ, ମନ ଏହାକୁ ଜୀବନର ଶେଷ ଭାବେ ନେଇନିଏ । ଭଲ ସମୟରେ ଯେଉଁ ରସାୟନ ସୁଖ ଦେଉଥିଲା, ସେଇ ରସାୟନ ମନକୁ ଅନ୍ଧକାର ଦିଗକୁ ଠେଲିଦିଏ । ଆଜିର ଶିକ୍ଷାନୁଷ୍ଠାନ ମାନଙ୍କରେ ସମ୍ପର୍କ ସହଜ, କିନ୍ତୁ ଦାୟିତ୍ୱ ଦୁର୍ଲଭ । ନୂଆଁ ପ୍ରେମର ଆକର୍ଷଣ, ଏକାଧିକ ନିବିଡ଼ ସାଥିର ସାଧାରଣୀକରଣ ଓ ସାଧାରଣ ସମ୍ପର୍କ ନାମରେ ଭାବନାତ୍ମକ ଶୋଷଣ ଧୀରେଧୀରେ ଯୁବମନକୁ ରିକ୍ତ କରୁଛି । ପରିବାରରୁ ଦୂରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ଆଘାତ ବିଶେଷ ଭାବେ ଗଭୀର । ମାତାପିତାଙ୍କର ଆର୍ଥିକ ତ୍ୟାଗ, ସ୍ୱପ୍ନ ଓ ଆଶାର ନିବେଶ ମନରେ ଏକ ଭାର ହୋଇ ବସିଥାଏ—"ମୁଁ ଭାଙ୍ଗିଗଲେ ସେମାନେ କ’ଣ କରିବେ ?" ଆମ ସମାଜରେ ମନ ଭାଙ୍ଗିଲେ କଥାହେବାକୁ ଲଜ୍ଜାବୋଧ କରାଯାଏ । ପ୍ରେମରେ ଠକିଯିବା, ପଢ଼ାରେ ପଛକୁ ପଡ଼ିବା ବା ଆର୍ଥିକ ବିଫଳତା ଏସବୁକୁ ଲୁଚାଯାଏ । ଏହି ଲୋକଲଜ୍ଜା ହିଁ ଆତ୍ମହତ୍ୟାର ସବୁଠାରୁ ବଡ଼ ସହଯୋଗୀ । କାରଣ ମନ ଯେତେବେଳେ କଥାହୁଏନାହିଁ, ସେତେବେଳେ ମୃତ୍ୟୁ ତା’ର ଭାଷା ହୋଇଯାଏ । ଡାକ୍ତରୀ, ଇଞ୍ଜିନିୟରିଂ ଭଳି ପଢ଼ାରେ ଅତ୍ୟଧିକ ପ୍ରତିସ୍ପର୍ଦ୍ଧା, ଫଳାଫଳର ଭୟ, ଚାକିରିର ଅନିଶ୍ଚୟତା ତଥା ଷ୍ଟକ୍ ମାର୍କେଟ୍ ଭଳି ଶଙ୍କାଶୀଳ ନିବେଶରେ ବିଫଳତା ମଧ୍ୟ ଅନେକ ଜୀବନ ଭାଙ୍ଗୁଛି । ବିଫଳତାକୁ ଶିଖିବାର ପାହାଚ ଭାବେ ନୁହେଁ, ବରଂ ଅପମାନ ଭାବେ ଦେଖାଯାଉଛି । ଏହା ଆମ ଶିକ୍ଷାବ୍ୟବସ୍ଥା ଓ ସମାଜର ବଡ଼ ତ୍ରୁଟି । ଭାରତରେ ପ୍ରତିବର୍ଷ ଏକ ଲକ୍ଷରୁ ଅଧିକ ଆତ୍ମହତ୍ୟା ଘଟୁଛି ୧୮-୩୦ ବୟସ ଗୋଷ୍ଠୀରେ । ପରୀକ୍ଷା ଚାପ, ସମ୍ପର୍କ ଭଙ୍ଗା, ଆର୍ଥିକ ଚିନ୍ତା ଓ ଏକାକୀପଣ ଏହାର ମୁଖ୍ୟ କାରଣ ଭାବେ ଚିହ୍ନଟ ହେଇଅଛି । ପ୍ରତ୍ୟେକ ସଂଖ୍ୟା ପଛରେ ରହିଛି ଏକ ମାଆର ଶୂନ୍ୟ ଆଖି, ଏକ ବାପାର ନିରବ ଦୁଃଖ, ଏକ ପରିବାରର ସାରାଜୀବନର ଅନୁତାପ ।

ଯେଉଁମନ ଆତ୍ମହତ୍ୟା ଆଡ଼କୁ ମୁହାଁଉଛନ୍ତି ସିଏ ଜୀବନରେ ଅର୍ଜିତ ଋଣ ମାନଙ୍କ ବିଷୟରେ ଭାବିବା ଅବଶ୍ୟକ । ଯଦି ପ୍ରେମର ସ୍ୱାଭିମାନରେ ମରିବାକୁ ପଥ ବାଛିଚ, ତେବେ ଋଣ ନେଇ ମରିବା ଶ୍ରେୟସ୍କର ନୁହଁ । ଛୁଆବେଳୁ ମୁଣ୍ଡକୁ ହାତ ପାଇବା ପର୍ଯ୍ୟନ୍ତ ଯେଉଁ ଖର୍ଚ୍ଚର ବୋଝ ପିତାମାତା କରିଛନ୍ତି, ସେହି ଋଣ ପରିଶୋଧ କରିସାରିବା ପରେ ସ୍ୱାଭିମାନର ପଥ ବିଷୟରେ ଭାବନା ଅଣାଯାଇପାରେ । ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଧାର୍ଯ୍ୟ ମୂଲ୍ୟ ହେଉଛି ୪୫୦ । ସେହି ଦରରେ ଅଠର ବର୍ଷର ହିସାବର ମୂଲ୍ୟ ହେଉଛି ୨୯ ଲକ୍ଷ ୫୮ ହଜାର ୭୫୦ । ଅନୁନ୍ୟ ଏତିକି ମୂଲ୍ୟର ଅର୍ଥ ପିତାମାତା ପାଇବା ଦରକାର । ପିତାମାତାଙ୍କ ଋଣର ପରିମାଣ ବହୁତ ଯାହା ସାରା ଜୀବନ ପରିଶ୍ରମ କଲେ ମଧ ସୁଝି ପାରିବା ନାହିଁ । ଧର୍ମଶାସ୍ତ୍ରରେ ଏହାକୁ ପିତୃଋଣ କହନ୍ତି । କିନ୍ତୁ ଯେଉଁମାନେ ମନକୁ ଜୋର ଦେଇ କାର୍ଯ୍ୟ କରନ୍ତି ସେମାନେ ଅନୁନ୍ୟ ଏତିକି ପାଉଣା ପିତାମାତାଙ୍କୁ ଫେରେଇବାର ମନ ସ୍ଥିର କରିନେଲେ ମଧ ଆତ୍ମହତ୍ୟାର ବଶବର୍ତ୍ତୀ ହେବେ ନାହିଁ । ଏତଦ୍ ଭିନ୍ନ ଯେଉଁ ପରିବେଶରୁ ଆମେ ମୁକ୍ତ ବାୟୁ ଅମ୍ଳଜାନ ଗ୍ରହଣ କରୁଛେ ତାହାର ମଧ ଏକ ତାଲିକା ପ୍ରସ୍ତୁତ କରିବା ବିଧେୟ । ବର୍ତ୍ତମାନ ପରିସ୍ଥିତିରେ ଡାକ୍ତରଖାନା ମାନଙ୍କରେ ଦୈନିକ ଅମ୍ଳଜାନ ନିମନ୍ତେ ହାରାହାରି ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ଅଠର ବର୍ଷ ହିସାବରେ ପ୍ରତିବଦଳରେ ଆମେ ପ୍ରକୃତି ପାଇଁ ୧କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସ୍ୱାଭିମାନର ପରିଭାଷା । ଏହା କେବଳ ମାନବ ଭାବେ ଜନ୍ମ ନେଇ ଅର୍ଜିଥିବା ଦୁଇଟି ମୁଖ୍ୟ ଋଣର ତାଲିକା । ଋଣ ସୁଝିବାର ତାଲିକା ଯଦି ଆମେ ଦେଖିବା ତେବେ ଜୀବନ କମ୍ ପଡ଼ିଯିବ କିନ୍ତୁ ଋଣ ସୁଝିବ ନାହିଁ । ବାସନାକୁ ଉପାସନା ଦ୍ୱାରା ଜୟ କରାଯାଇପାରେ—ଏହା କେବଳ ଧାର୍ମିକ କଥା ନୁହେଁ, ଏକ ମନୋବୈଜ୍ଞାନିକ ସତ୍ୟ । ଅନୁଶାସନ, ନିୟମିତ ଅଭ୍ୟାସ, ଶରୀର ଶ୍ରମ, ଧ୍ୟାନ, ସେବା ଓ ତଥା ଭୁଗୋଳ, ଗଣିତ, ବିଜ୍ଞାନ ଭଳି ବିଷୟରେ ମନୋନିବେଶ ମନକୁ ଭ୍ରମରୁ ବାହାର କରେ । ସମୟ ହିଁ ସବୁଠାରୁ ବଡ଼ ଔଷଧ; ସମୟ ଦିଆଗଲେ ମସ୍ତିଷ୍କ ନିଜେ ନିଜକୁ ସୁସ୍ଥ କରେ । ଜୀବନରେ ଆବିଷ୍କାର କରିବାକୁ ବହୁତ କିଛି ରହିଅଛି । ନିଜ ଜୀବନରେ ବିଫଳତା କୌଣସି ସୀମାବଦ୍ଧତାର ଶେଷ ଠିକଣା ନୁହଁ । ପ୍ରଜାପତି ଯେ ସମ୍ବାଳୁଆରୁ ସୃଷ୍ଟି ଏକଥା ନଦେଖିଲେ ବିଶ୍ୱାସ କରିବା କଷ୍ଟ । ଉତ୍ସାହ ସବୁବେଳେ ହୃଦୟରେ ଭରି ରହିବା ଆବଶ୍ୟକ, ଯାହା ଭଗବତ କୃପା ନତୁବା ପିତା ମାତାଙ୍କ କେବଳ ବାକ୍ୟ ଶୁଣିଦେଲେ ମଧ୍ୟ ସୃଜିତ ହେଇପାରିବ ।

ଯଦି କେହି ବିଶ୍ୱାସଘାତକତା କରୁଛନ୍ତି, ତେବେ ଦୁନିଆ ସେଠି ଶେଷ ହୁଏନି । ଜୀବନ ପ୍ରେମରେ ସୀମିତ ନୁହେଁ—ଏହା ଦାୟିତ୍ୱ, ସମ୍ଭାବନା, ସେବା ଓ ଅପୂର୍ଣ୍ଣ ସ୍ୱପ୍ନର ଏକ ବିସ୍ତୃତ ଯାତ୍ରା । ହୃଦୟ ଭାଙ୍ଗିବ ହଁ, ବାରମ୍ବାର; କିନ୍ତୁ ପ୍ରତ୍ୟେକ ଭଙ୍ଗା ପରେ ଉଠିବା ଶିଖିଲେ, ସେଇଠି ମଣିଷର ସତ୍ୟ, ଜୟ । ଶେଷରେ, "କେତେ ଥର ହୃଦୟ ମୋ ଭାଙ୍ଗିବ କୁହ ?"—ଏହା ଅଭିଯୋଗ ମାତ୍ର ନୁହେଁ, ଏକ ଆହ୍ୱାନ । ଆମକୁ କହେ ଭାଙ୍ଗିଲେ ମଧ ଜୀବନ ଥମିଯାଏ ନାହିଁ । ହୃଦୟ ପୁନଃ ସୌଷ୍ଟବ୍ୟ ହୁଏ , କେବେ କେବେ ଆଘାତର ଚିହ୍ନ ସହିତ; କିନ୍ତୁ ସେହି ଚିହ୍ନମାନେ ହିଁ ଆମର ଆଧାର । ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ । ମନ ଭାରୀ ଲାଗିଲେ ନିକଟତମ ବନ୍ଧୁ, ଶିକ୍ଷକ, ପରିବାରସଦସ୍ୟ ନତୁବା ପେଶାଦାର ପରାମର୍ଶଦାତାଙ୍କ ସହ କଥାହୁଅନ୍ତୁ, ନତୁବା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଟେଲିମାନସ କାର୍ଯ୍ୟକ୍ରମ ରେ ୧୪୪୧୬ ଯୋଡ଼ି ହେଇ ନିଜକୁ ସୁରକ୍ଷିତ କରେଇପାରିବା । ସମୟରେ ସହାୟତା ଜୀବନ ବଞ୍ଚାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିକା

ଖେଳ

ଭୁବନେଶ୍ୱର,୩୦ ଜାନୁଆରୀ, ଶୁକ୍ରବାର, ୨୦୨୬



# ବୟକଟ ଖେଳ ଶେଷ : ୨ରେ କଲମ୍ବୋରେ ପହଞ୍ଚିବ ପାକିସ୍ତାନ ଦଳ



**ଲାହୋର**

ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ ଲାଗି ପାକିସ୍ତାନ ଦଳ ଆସନ୍ତା ୨ ତାରିଖରେ ଶ୍ରୀଲଙ୍କାର କଲମ୍ବୋ ଅଭିମୁଖେ ଯାତ୍ରା କରିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସୂତ୍ରରୁ ଜଣାପଡ଼ିଛି । ଏଥିଯୋଗୁ ବିଶ୍ୱକପ୍ କିମ୍ବା ଫେବୃୟାରୀ ୧୫ ତାରିଖରେ ହେବାକୁ ଥିବା ଭାରତ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍‌କୁ ପାକିସ୍ତାନ ଦଳର ବୟକଟ କରିବାର ସମ୍ଭାବନା ପ୍ରାୟତଃ ଶେଷ ହୋଇଛି ।

ପାକିସ୍ତାନ ଦଳର ଟ୍ରାଭେଲ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି । ଦଳ ୨ ତାରିଖ ସକାଳୁ କଲମ୍ବୋ ଅଭିମୁଖେ ଯାତ୍ରା କରିବ । ଏଣୁ ପାକିସ୍ତାନ ଟି୨୦ ବିଶ୍ୱକପ୍ ଓ ଭାରତ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବ ନାହିଁ ବୋଲି ସୂତ୍ରରୁ କୁହାଯାଇଛି । ତେବେ ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ କି ନାହିଁ, ତାହା ପିସିବି ଶୁକ୍ରବାର ଆଇସିସିକୁ ଜଣାଇବ ।

# ଟି-୨୦ ବିଶ୍ୱକପ ପୂର୍ବରୁ ମ୍ୟାଚ ଫିକ୍ସିଂ ଅଭିଯୋଗ : ଆରୋନ ଜୋନ୍ସ ସସ୍‌ପେଣ୍ଡ

**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ ପୂର୍ବରୁ ଆମେରିକା କ୍ରିକେଟ ଦଳକୁ ଏକ ବଡ଼ ଝଟ୍‌କା ଲାଗିଛି । ଆଇସିସି ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ଆରୋନ ଜୋନ୍ସଙ୍କୁ ନିଲମ୍ବିତ କରିଛି । ମ୍ୟାଚ ଫିକ୍ସିଂ ଏବଂ ଦୁର୍ନୀତିର ଗମ୍ଭୀର ଅଭିଯୋଗ ପରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଜୋନ୍ସଙ୍କ ବିରୋଧରେ ମୋଟ ପାଞ୍ଚଟି ଅଭିଯୋଗ ଆସିଛି, ଯାହା ସବୁ ଆଇସିସି ଏବଂ କ୍ରିକେଟ ୱେଷ୍ଟଇଣ୍ଡିଜର ଦୁର୍ନୀତି ନିବାରଣ କୋଡ ଉଲ୍ଲଂଘନ ସହିତ ଜଡ଼ିତ । ଏହି ଅଭିଯୋଗଗୁଡ଼ିକର ଜବାବ ଦେବା ପାଇଁ ତାଙ୍କୁ ୧୪ ଦିନ ସମୟ ଦିଆଯାଇଛି ।

ଆରୋନ ଜୋନ୍ସଙ୍କ ବିରୋଧରେ ପାଞ୍ଚଟି ଅଭିଯୋଗ ମଧ୍ୟରୁ ତିନୋଟି ୨୦୨୩-୨୪ରେ ଖେଳାଯାଇଥିବା ବାର୍ବାଡୋସ ବିଆଇଏମ୧୦ ଟି୨୦ ଟୁର୍ଣ୍ଣାମେଣ୍ଟ ସହିତ ଜଡ଼ିତ । ବାକି ଦୁଇଟି ତାଙ୍କ ଅନ୍ତର୍ଜାତୀୟ ମ୍ୟାଚ ସହିତ ଜଡ଼ିତ । ଆଇସିସି ଅନୁଯାୟୀ, ଏହି ଅଭିଯୋଗ ମଧ୍ୟରୁ ଗୋଟିଏ ହେଉଛି ଜୋନ୍ସ ଏକ ମ୍ୟାଚର ଫଳାଫଳକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ କିମ୍ବା ଏପରି କରିବା ପାଇଁ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ।

ଆଇସିସି ଏହାର ବିବୃତ୍ତିରେ ସ୍ପଷ୍ଟ କରିଛି ଯେ, ଏହି ତଦନ୍ତ ଚାଲିଛି ଏବଂ ମାମଲାରେ ଜଡ଼ିତ ଅନ୍ୟ ଖେଳାଳି କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଭିଯୋଗ ଦାଖଲ କରାଯାଇପାରେ । ତଥାପି, ତଦନ୍ତ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଆଇସିସି ଏହି ବିଷୟରେ ଅଧିକ ମନ୍ତବ୍ୟ ଦେବ ନାହିଁ ।

୩୧ ବର୍ଷୀୟ ଆରୋନ ଜୋନ୍ସଙ୍କୁ ଆମେରିକା ପାଇଁ ଜଣେ ପ୍ରମୁଖ ଖେଳାଳି ଭାବରେ ବିବେଚନା କରାଯାଉଛି । ସେ ୨୦୧୯ରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ । ସେବେଠାରୁ ସେ ଆମେରିକା ପାଇଁ ୫୨ଟି ଦିନିକିଆ ଏବଂ ୪୮ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ମୋଟ ୯୫ଟି ଇନିଂସରେ ସେ ୨,୪୩୪ ରନ କରିଛନ୍ତି ।

ଜୋନ୍ସ ୨୦୨୪ ଟି-୨୦ ବିଶ୍ୱକପରେ ସୁପର-୮ ପହଞ୍ଚିଥିବା ଆମେରିକା ଦଳର ମଧ୍ୟ ଅଂଶ ଥିଲେ । ସେ ଅପରାଜିତ ୩୬ ରନ କରି ଡାଲାସରେ ପାକିସ୍ତାନ ବିପକ୍ଷରେ ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

୨୦୨୬ ଟି-୨୦ ବିଶ୍ୱକପ ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଯାଉଛି । ଜୋନ୍ସ ସମ୍ପ୍ରତି ଆମେରିକା ପାଇଁ ୧୮ ଜଣିଆ ପ୍ରଶିକ୍ଷଣ ଶିବିରର ଅଂଶ ଥିଲେ ଏବଂ ଦଳର ଉପ-ଅଧିନାୟକ ପାଇଁ ମଧ୍ୟ ବିଚାର କରାଯାଇଥିଲା । ତାଙ୍କ ନିଲମ୍ବନ ପରେ ସେ ଆଉ ଟୁର୍ଣ୍ଣାମେଣ୍ଟ ପାଇଁ ଚୟନ ପାଇଁ ଯୋଗ୍ୟ ନୁହନ୍ତି । ଏହି ବିବାଦ ଏବଂ ବିଶ୍ୱକପ ପୂର୍ବରୁ ଜଣେ ପ୍ରମୁଖ ଖେଳାଳିଙ୍କ ହରାଇବା ଆମେରିକାର ପ୍ରସ୍ତୁତି ପାଇଁ ଏକ ବଡ଼ ଝଟ୍‌କା ବୋଲି ବିବେଚନା କରାଯାଉଛି ।



# ଗୋଟିଏ ଓଭର, ୨୯ ରନ୍ : ବିସ୍ଫୋରକ ବ୍ୟାଟିଂ କରି ହିଟ୍‌ମ୍ୟାନ୍‌ଙ୍କ ରେକର୍ଡ ଭାଙ୍ଗିଦେଲେ ଶିବମ୍

**ବିଶାଖାପାଟଣା**



ଯଦିଓ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପରାସ୍ତ ହୋଇଥିଲା, କିନ୍ତୁ ଶିବମ ଦୁବେ ବିସ୍ଫୋରକ ଇନିଂସ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ୨୧୫ ରନ୍‌ର ବିଶାଳ ଟାର୍ଗେଟର ପିଛା କରି ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟରୁ ଧରାଶାୟୀ ହୋଇପଡ଼ିଥିଲା, କିନ୍ତୁ ଦୁବେ ପଡ଼ିଆକୁ ପାଦ ଦେବା ମାତ୍ରେ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାଇଁ କିଛିଟା ଅଶା ଜାଗ୍ରତ କରିଥିଲେ ।

୬୩ ରନ୍‌ରେ ଭାରତ ୪ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହରାଇଥିଲା । ଶିବମ ଦୁବେ ଏପରି କଷ୍ଟକର ପରିସ୍ଥିତିରେ ଦଳକୁ ଦୃଢ଼ ଭାବରେ ଉଦ୍ଧାର କରିବେ ବୋଲି ଆଶା କରାଯାଉଥିଲା ଏବଂ ସେ ନିରାଶ ହୋଇ ନ ଥିଲେ । ସମୟ ନଷ୍ଟ ନ କରି, ଦୁବେ ଏକ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରି ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ସିଧାସଳଖ ଆକ୍ରମଣ କରିଥିଲେ । ଶିବମଙ୍କ ଅଭିଜ୍ଞ ସ୍ପିନର ଇଶ ସୋଧିଙ୍କ ଗୋଟିଏ ଓଭରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ସେ ତିନୋଟି ଛକା ଏବଂ ଦୁଇଟି ଚୌକା ମାରିଥିଲେ, ସେହି ଓଭରରେ ମୋଟ ୨୯ ରନ କରିଥିଲେ । ଏହା ସହିତ ସେ ରୋହିତ ଶର୍ମାଙ୍କ ରେକର୍ଡ ଭାଙ୍ଗିଥିଲେ । ୨୦୨୪ରେ ମିଚେଲ ଷ୍ଟାର୍କଙ୍କ ଏକ ଓଭରରେ ୨୮ ରନ କରିଥିଲେ । ସେହି ଓଭରରେ ତାଙ୍କର ୯୪ ମିଟର ଲମ୍ବା ଛକା ଦର୍ଶକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ଥିଲା ।

ଗୋଟିଏ ଓଭରରେ ସର୍ବାଧିକ ରନ କରିଥିବା ଭାରତୀୟ ବ୍ୟାଟସମ୍ୟାନ : ଯୁବରାଜ ସିଂହ – ୩୬ ରନ । ସଞ୍ଜୁ ସାମସନ – ୩୦ ରନ । ଶିବମ ଦୁବେ – ୨୯ ରନ । ରୋହିତ ଶର୍ମା – ୨୮ ରନ ।

ଶିବମ ଦୁବେ ମାତ୍ର ୧୫ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ଏହା ସହିତ ସେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ ସହିତ ଭାରତୀୟ ବ୍ୟାଟସମ୍ୟାନଙ୍କ ତାଲିକାରେ ତୃତୀୟ ସ୍ଥାନ ସୁରକ୍ଷିତ କରିଥିଲେ । ସେ କେବଳ ଯୁବରାଜ ସିଂହ ଏବଂ ଅଭିଷେକ ଶର୍ମାଙ୍କ ପଛରେ ଅଛନ୍ତି । ଦ୍ରୁତ ରନ କରିବାର ତାଙ୍କର କ୍ଷମତା ତାଙ୍କୁ ଟି-୨୦ ବିଶ୍ୱକପ ପୂର୍ବରୁ ଏକ ଦୃଢ଼ ଦାବିଦାର କରିଛି । ଯୁବରାଜ ସିଂହ – ୧୨ ବଲ, ଅଭିଷେକ ଶର୍ମା – ୧୪ ବଲ, ଶିବମ ଦୁବେ – ୧୫ ବଲ ।

# ଘୋଡ଼ାଦୌଡ଼ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ : ଭାରତୀୟ ଖେଳାଳିଙ୍କ ସହ ଦୁଷ୍କର୍ମ ଅଭିଯୁକ୍ତ

**ନୂଆଦିଲ୍ଲୀ**



ଦେହରେ ଲାଗିଛି କଳଙ୍କର ଛିଟା । ଦୁଇ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଗିରଫ ହୋଇ ବେଲରେ ଆସିଛନ୍ତି । ତଥାପି ଭାରତୀୟ ଟିମ୍ ସହ ବିମାନରେ ଯାତ୍ରା କରିଛନ୍ତି । ଘୋଡ଼ା ଦୌଡ଼ ଖେଳକୁ ନେଇ ଗଠିତ କମିଟିର ଜଣେ ସଦସ୍ୟଙ୍କ ଭାରତୀୟ ଟିମ୍ ସହ ଗସ୍ତକୁ ନେଇ ବିବାଦ ବଢ଼ିଛି । ସଦସ୍ୟ ଜଣଙ୍କ ଦୁଇ ଜଣ ଛାତ୍ରୀଙ୍କୁ ଅସଦାଚରଣ କରି ଜେଲ୍ ଯାଇଥିଲେ । ତଥାପି ଜୋର୍ଡାନରେ ଆୟୋଜିତ ହେବାକୁ ଥିବା ଘୋଡ଼ାଦୌଡ଼ ବିଶ୍ୱକପ୍ କ୍ୱାଲିଫାୟର ପାଇଁ ସେ ଦଳ ସହ ଗସ୍ତ କରିଛନ୍ତି ।

ରିପୋର୍ଟ ଅନୁସାରେ, ଟେଣ୍ଟ୍ ପେଗିଂ ବା ଘୋଡା ଦୌଡ ବିଶ୍ୱକପ୍ ପ୍ରତିଯୋଗିତାର କ୍ୱାଲିଫାୟାର ପାଇଁ ବିଶ୍ୱର ଅନେକ ଦଳ ଜୋର୍ଡାନରେ ଅଛନ୍ତି । ଭାରତ ମଧ୍ୟ ନିଜ ଟିମ୍ ପଠାଇଛି । ତେବେ ଏହି ଟିମ୍ ସହ ଜୋର୍ଡାନ ଗସ୍ତ କରିଥିଲେ ରିଟାୟର୍ଡ କଲୋନିଏଲ ତାରସେମ୍ ସିଂ ୱାରିଚ୍ । ସେ ଟେଣ୍ଟ୍ ପେଗିଂ ବୋର୍ଡର ସଦସ୍ୟ ରହିଛନ୍ତି । ତେବେ ତାଙ୍କ ଉପସ୍ଥିତି ନେଇ ଜଣେ ଛାତ୍ରୀଙ୍କ ଅଭିଭାବକ ଟେଣ୍ଟ୍ ବେଗିଂର ଅନ୍ତର୍ଜାତୀୟ କମିଟିକୁ ଚିଠି ଲେଖିଥିଲେ । ଯାହାକୁ ନେଇ ଅନ୍ତର୍ଜାତୀୟ କମିଟି ପ୍ରଶ୍ନ ଉଠାଇବା ସହ ଘଟଣାର ରିପୋର୍ଟ ମାଗିଛି ।

ତାରସେମ୍ ସିଂ ଏବେଜାମିନରେ ଅଛନ୍ତି । ତାଙ୍କ ଭାଇ ବୋହୂଙ୍କୁ କ୍ୟାନ୍ସର କାରଣରୁ ଜାମିନ ପ୍ରଦାନ କରିଛନ୍ତି କୋର୍ଟ । ତଥାପି ସେ ୪ଜଣିଆ ଟିମ୍ ସହ ଜୋର୍ଡାନ ଗସ୍ତ କରିଥିଲେ । ଯେଉଁ ଟିମ୍‌ରେ ଦୁଇ ମହିଳା ରହିଥିଲେ । ତାରସେମଙ୍କୁ ଦଳରେ କୋଚ୍ ତଥା ମ୍ୟାନେଜର ପଦ ମିଳିଛି । ଏହାକୁ ନେଇ ବିରୋଧ ମଧ୍ୟ କରାଯାଇଛି । ଏପରିକି ନିଯୁକ୍ତି ବାବଦରେ କିଛି ଜାଣିନଥିବା ଘୋଡା ଦୌଡ ବୋର୍ଡର ସାଧାରଣ ସମ୍ପାଦକ ଜୟବୀର ସିଂ କହିଛନ୍ତି ।

କୁହାଯାଉଛି ଯେ, ଟିମ୍‌କୁ ଜୋର୍ଡାନ ପଠାଇବା ପୂର୍ବରୁ ଫେଡେରେସନ ସହ ଆଲୋଚନା ହୋଇନାହିଁ । ଏହାସହ ଦିଲ୍ଲୀ ଏବଂ ହରିୟାଣାର ଖେଳାଳି ଟ୍ରାଏଲରେ ସାମିଲ ହୋଇ ନାହାନ୍ତି । ଜାନୁଆରୀ ୨୯ରୁ ଆରମ୍ଭ ହୋଇଥିବା ଯୋଗ୍ୟତା ପର୍ଯ୍ୟାୟ ୩୧ ତାରିଖ ଯାଏଁ ଚାଲିବ । ଏଥିରେ ଭାରତ ସହ ଆଲଜେରିଆ, ଜର୍ମାନୀ, କୁଏତ, ନରୱେ, ସାଉଦି ଆରବ ଭଳି ଦଳ ସାମିଲ ହୋଇଛନ୍ତି । ସୂଚନାଯୋଗ୍ୟ, ୱାରିଚଙ୍କ ବିରୋଧରେ ବିଏନଏସର ଧାରା ୩୨୩,୩୫୪ଏ, ୫୧୧, ୩୭୬ ଆଧାରରେ ମାମଲା ଲାଗିଛି । ତାଙ୍କୁ ସୋନିପତ ପୋଲିସ ଗିରଫ କରିଥିଲା । ପରେ ସେସନ କୋର୍ଟଜାମିନପ୍ରଦାନ କରିଥିଲେ ।

# ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ : ନେଦରଲାଣ୍ଡ୍‌ସ, ବାଂଲାଦେଶର ଯୋଗ୍ୟତା ଅର୍ଜନ

**ଦୁବାଇ**

ନେଦରଲାଣ୍ଡ୍‌ସ ଓ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି । ନେପାଳରେ ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରି ବିଶ୍ୱକପ୍ ଟିକେଟ୍ ହାସଲ କରିଛନ୍ତି । ନେଦରଲାଣ୍ଡ୍‌ସ ଦଳ ପ୍ରଥମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି । ଅନ୍ୟପଟରେ ବାଂଲାଦେଶ ୨୦୧୪ ସଂସ୍କରଣରେ ଖେଳିଥିଲା । ସୁପର-ସିକ୍ସ ରାଉଣ୍ଡ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସ ୨୧ରନରେ (ଡିଏଲ୍‌ଏସ୍)ରେ ୟୁଏସ୍‌ଏକୁ ଏବଂ ବାଂଲାଦେଶ ୩୯ ରନରେ ଥାଇଲାଣ୍ଡକୁ ହରାଇ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲେ । ବାଂଲାଦେଶ ଓ ନେଦରଲାଣ୍ଡ୍‌ସ ଦଳ ପଏଣ୍ଟ ତାଲିକାରେ ସମାନ ୬ପଏଣ୍ଟ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଚଳିତ ଟୁର୍ଣ୍ଣାମେଣ୍ଟରେ ଆଉ ୨ଟି ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବେ । ସ୍କଟଲାଣ୍ଡ (୪ପଏଣ୍ଟ) ଓ ଆୟର୍ଲାଣ୍ଡ୍ (୨) ଦୌଡ଼ରେ ଆଗୁଆ ରହିଥିବାବେଳେ ଆୟର୍ଲାଣ୍ଡ, ୟୁଏସ୍‌ଏ ଓ ଥାଇଲାଣ୍ଡ ପାଇଁ ଏବେବି ସୁଯୋଗ ରହିଛି । ଇଂଲଣ୍ଡରେ ଆଗାମୀ ଜୁନ୍ ୧୨ରୁ ୫ ତାରିଖ ମଧ୍ୟରେ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଖେଳାଯିବ । ଚଳିତ ବର୍ଷ ୧୨ଟି ଦଳ ଭାଗ ନେବେ ।

# ଟି୨୦ ୨୦୨୬ର ଫାଇନାଲିଷ୍ଟଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କଲେ ପୂର୍ବତନ କ୍ରିକେଟର

**ନୂଆଦିଲ୍ଲୀ**

ଭାରତ କିମ୍ବା ଶ୍ରୀଲଙ୍କା ଜିତିଲେ ପୁରୁଷ ଟି୨୦ ବିଶ୍ୱକପ (ଟି୨୦ ବିଶ୍ୱକପ ୨୦୨୬)ର ୧୦ମ ସଂସ୍କରଣ ଐତିହାସିକ ହୋଇପାରେ । ଆଜି ପର୍ଯ୍ୟନ୍ତ, ଆୟୋଜକ ଦେଶ କେବେ ବି ଟାଇଟଲ ଜିତିନାହିଁ ଏବଂ ଯଦି ଟିମ୍ ଇଣ୍ଡିଆ ଜିତିଥାଏ, ତେବେ ଏହା ପ୍ରଥମ ଥର ପାଇଁ କୌଣସି ଦଳ ଲଗାତାର ଦୁଇଥର ଟାଇଟଲ ଜିତିବ । ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ପ୍ରାୟ ଗୋଟିଏ ସପ୍ତାହ ବାକି ଥିବା ବେଳେ, ପୂର୍ବତନ କ୍ରିକେଟରମାନେ ଭାରତ ସହିତ ସମ୍ଭାବ୍ୟ ଦ୍ୱିତୀୟ ଫାଇନାଲିଷ୍ଟଙ୍କ ଉପରେ ସେମାନଙ୍କର ମତାମତ ପ୍ରଦାନ କରିଛନ୍ତି ।

ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ ଭାରତର ଟି୨୦ ରେକର୍ଡ ବହୁତ ଦିନ ଧରି ପ୍ରଭାବଶାଳୀ ରହିଛି, ଯାହା ଟିମ୍ ଇଣ୍ଡିଆକୁ ଟାଇଟଲ ପାଇଁ ଏକ ଦୃଢ଼ ଦାବିଦାର କରିଛି । ଅନିଲ କୁମ୍ବଲେ, ଆକାଶ ଚୋପ୍ରା, ଇରଫାନ ପଠାନ ଏବଂ ମହମ୍ମଦ କୈଫଙ୍କ ପରି ଅଭିଜ୍ଞ ଖେଳାଳିମାନଙ୍କୁ ଷ୍ଟାର ସ୍ପୋର୍ଟସର ପ୍ୟାନେଲରେ ୨୦୨୬ ଟି୨୦ ବିଶ୍ୱକପ ପାଇଁ ସେମାନଙ୍କର ସମ୍ଭାବ୍ୟ ଫାଇନାଲିଷ୍ଟଙ୍କ ବିଷୟରେ ପଚରାଯାଇଥିଲା । ଯଦିଓ ଭାରତ ପୂର୍ବରୁ ଏକ ପୂର୍ବ-ନିର୍ଦ୍ଧାରିତ ଦଳ ଥିଲା, ସମସ୍ତଙ୍କୁ ଦ୍ୱିତୀୟ ଫାଇନାଲିଷ୍ଟ ବିଷୟରେ ନିଜର ମତାମତ ଦେବାକୁ ପଡ଼ିଲା ।

ରବିନ ଉଥାପ୍ପା ଦକ୍ଷିଣ ଆଫ୍ରିକାକୁ ତାଙ୍କର ଦ୍ୱିତୀୟ ଫାଇନାଲିଷ୍ଟ ଭାବରେ ବାଛିଥିଲେ । ଏହା ଉଲ୍ଲେଖନୀୟ ଯେ ଭାରତ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୨୦୨୪ ବିଶ୍ୱକପ ଜିତିଥିଲା । ଆକାଶ ଚୋପ୍ରା ଅଷ୍ଟ୍ରେଲିଆକୁ ବାଛିଥିଲେ, ଯାହା ୨୦୨୧ରେ ଏକମାତ୍ର ଟାଇଟଲ ଜିତିଥିଲା । ଆକାଶ କହିଥିଲେ, ‘ପୁଣି ଥରେ, କିନ୍ତୁ ଏଥର ଟି୨୦ ଫର୍ମାଟରେ ।’ ଅଷ୍ଟ୍ରେଲିଆ ୨୦୨୩ ଓଡିଆଇ ବିଶ୍ୱକପ ଫାଇନାଲରେ ଭାରତକୁ ପରାସ୍ତ କରି ଟାଇଟଲ ଜିତିଥିଲା ।

ସଂଜୟ ବାଙ୍ଗର ଏବଂ ଅଷ୍ଟ୍ରେଲିଆର ଇରଫାନ ପଠାନ ମଧ୍ୟ ଅଷ୍ଟ୍ରେଲିଆକୁ ବାଛିଥିଲେ । ଚେତେଶ୍ୱର ପୂଜାରା ଏବଂ ଅନିଲ କୁମ୍ବଲେ ଇଂଲଣ୍ଡର ନାମ ନେଇଥିଲେ । ମହମ୍ମଦ କୈଫ କହିଥିଲେ, ‘ମୁଁ ଭାବୁଛି ଭାରତ ଏଥର ମଧ୍ୟ ଫାଇନାଲରେ ଦକ୍ଷିଣ ଆଫ୍ରିକା ସହିତ ମୁକାବିଲା କରିବ ।’ ସୁରେଶ ରାଇନା ନ୍ୟୁଜିଲାଣ୍ଡକୁ ଫାଇନାଲିଷ୍ଟ ଭାବରେ ବାଛିଥିଲେ, ଯାହା ବିରୁଦ୍ଧରେ ଭାରତ ସମ୍ପ୍ରତି ଟି୨୦ ସିରିଜ ଜିତିଛି ।

ଟି୨୦ ବିଶ୍ୱକପ ୨୦୨୬ ଫାଇନାଲ ୮ ମାର୍ଚ୍ଚରେ ଅନୁଷ୍ଠିତ ହେବ, କିନ୍ତୁ ଏହାର ସ୍ଥାନ ସୁପର ୮ ମ୍ୟାଚ କିମ୍ବା ସେମିଫାଇନାଲ ପରେ ନିର୍ଣ୍ଣୟ କରାଯିବ । ପାକିସ୍ତାନ ତା’ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ, ତେଣୁ ଯଦି ପାକିସ୍ତାନ ସେମିଫାଇନାଲ ରେ ପହଞ୍ଚିଥାଏ, ତେବେ ୪ ମାର୍ଚ୍ଚରେ ପ୍ରଥମ ସେମିଫାଇନାଲ କଲମ୍ବୋରେ ଅନୁଷ୍ଠିତ ହେବ । ଯଦି ପାକିସ୍ତାନ ଫାଇନାଲରେ ପହଞ୍ଚିଯାଏ, ତେବେ ଟାଇଟଲ ମୁକାବିଲା ମଧ୍ୟ କଲମ୍ବୋରେ ଅନୁଷ୍ଠିତ ହେବ, ନଚେତ ଫାଇନାଲ ଅହମଦାବାଦରେ ଅନୁଷ୍ଠିତ ହେବ ।

# ଟି୨୦ ବିଶ୍ୱକପ୍ ପରେ କୋଚ୍ ପଦରୁ ଗୌତମ ଗମ୍ଭୀରଙ୍କୁ ମିଳିବ ଛୁଟି : ବିସିସିଆଇ

**ନୂଆଦିଲ୍ଲୀ**



ଗୌତମ ଗମ୍ଭୀର ପ୍ରଶିକ୍ଷକ ହେବା ପରେ, ଭାରତୀୟ କ୍ରିକେଟ ଦଳ ଅଭୂତପୂର୍ବ ଅଭିଜ୍ଞତା ଅନୁଭବ କରିଥିଲା । ନ୍ୟୁଜିଲ୍ୟାଣ୍ଡ ଦ୍ୱାରା ଘରୋଇ ଟେଷ୍ଟ ହ୍ୱାଇଟୱାଶ, ସର୍ବନିମ୍ନ ଘରୋଇ ଟେଷ୍ଟ ସ୍କୋର (୪୬), ସବୁଠାରୁ ବଡ଼ ଟେଷ୍ଟ ପରାଜୟ (୪୦୮ ରନ), ଏବଂ ୨୭ ବର୍ଷ ମଧ୍ୟରେ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଦିନିକିଆ ସିରିଜ ପରାଜୟ । ଯଦିଓ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଏସିଆ କପ ଏବଂ ଚାମ୍ପିଅନ୍ସ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଥିଲା, ସମାଲୋଚକମାନେ ପ୍ରତ୍ୟେକ ପରାଜୟ ପରେ ଗମ୍ଭୀରଙ୍କୁ ଟାର୍ଗେଟ କରିଥିଲେ । କେତେକ ତାଙ୍କୁ ପ୍ରଶିକ୍ଷକ ପଦରୁ ବହିଷ୍କାର କରିବାକୁ ଦାବି କରିଥିଲେ, ଯେତେବେଳେ ଅନ୍ୟମାନେ ପରାମର୍ଶ ଦେଇଥିଲେ ଯେ ଅନ୍ୟ କାହାକୁ ଟେଷ୍ଟ ପ୍ରଶିକ୍ଷକ ନିଯୁକ୍ତ କରାଯିବା ଉଚିତ । ୨୦୨୬ ଟି୨୦ ବିଶ୍ୱକପ ପରେ ଗମ୍ଭୀରଙ୍କ ଭବିଷ୍ୟତ ବିଷୟରେ ବିଚାର କରାଯିବ ବୋଲି ରିପୋର୍ଟ ଆସିଥିଲା । ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ଗୁଜବକୁ ସ୍ପଷ୍ଟ ଭାବରେ ଖଣ୍ଡନ କରିଥିଲେ ।

ସ୍ପୋର୍ଟଷ୍ଟାର ସହିତ ଏକ ସାକ୍ଷାତକାରରେ, ଗୌତମ ଗମ୍ଭୀରଙ୍କ ସମାଲୋଚନାକୁ ସମ୍ବୋଧିତ କରି ଦେବଜିତ ସାଇକିଆ କହିଛନ୍ତି ଯେ ଲୋକଙ୍କର ମତାମତ ପ୍ରକାଶ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି । ତଥାପି, ଏହି ବିଷୟଗୁଡ଼ିକ ଉପରେ ନିଷ୍ପତ୍ତି ନେବା ପାଇଁ ବିସିସିଆଇର ଦକ୍ଷ କର୍ମଚାରୀ ଅଛନ୍ତି । ସେ କହିଛନ୍ତି, ‘୧.୪ ବିଲିୟନ ଲୋକଙ୍କ ଏହି ଦେଶରେ, ସମସ୍ତେ ନିଜକୁ ଜଣେ କ୍ରିକେଟ ବିଶେଷଜ୍ଞ ବୋଲି ଭାବନ୍ତି । ପ୍ରତ୍ୟେକଙ୍କ ନିଜସ୍ୱ ମତ ରହିବ । ଏହା ଏକ ଗଣତାନ୍ତ୍ରିକ ଦେଶ, ଯେଉଁଠାରେ କାହାକୁ ଚୁପ କରାଯାଇପାରିବ ନାହିଁ । ଗଣମାଧ୍ୟମ ସମେତ ସମସ୍ତେ ନିଜର ମତ ପ୍ରକାଶ କରିବାକୁ ସ୍ୱାଧୀନ । ପୂର୍ବତନ କ୍ରିକେଟରଙ୍କଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ, ସବୁଠି କଳ୍ପନା ଜଳ୍ପନା ଚାଲିଛି ।’

ବିସିସିଆଇ ସଚିବ ଆହୁରି କହିଛନ୍ତି, ‘ସତ୍ୟ କଥା ହେଉଛି ଯେ ବୋର୍ଡର ଏକ ଉତ୍ସର୍ଗୀକୃତ କ୍ରିକେଟ କମିଟି ଅଛି, ଯେଉଁଥିରେ ପୂର୍ବତନ କ୍ରିକେଟରମାନେ ସାମିଲ ଅଛନ୍ତି । ସେମାନେ ହିଁ ନିଷ୍ପତ୍ତି ନିଅନ୍ତି । ଚୟନ ପାଇଁ ଆମର ପାଞ୍ଚ ଜଣ ଯୋଗ୍ୟ ଚୟନକର୍ତ୍ତା ଅଛନ୍ତି । ଯେକୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଏହି କମିଟି ଏବଂ ଚୟନକର୍ତ୍ତାମାନେ ନିଅନ୍ତି ।’

ଏକ ସାକ୍ଷାତକାରରେ, ପୂର୍ବତନ କ୍ରିକେଟର ମନୋଜ ତିୱାରୀ ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷକ ଭବିଷ୍ୟତ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ । ସେ କହିଛନ୍ତି ଯେ ଯଦି ଭାରତୀୟ ଦଳ ୨୦୨୬ରେ ଟି-୨୦ ବିଶ୍ୱକପ ଜିତିବାରେ ବିଫଳ ହୁଏ, ତେବେ ବୋର୍ଡକୁ ପ୍ରଶିକ୍ଷକଙ୍କୁ ହଟାଇବା ପାଇଁ କଷ୍ଟକର ଏବଂ କଷ୍ଟକର ନିଷ୍ପତ୍ତି ନେବା ଉଚିତ ।

ସୂଚନାଯୋଗ୍ୟ, ୨୦୨୬ ଟି-୨୦ ବିଶ୍ୱକପ ଫେବୃୟାରୀ ୭ ତାରିଖରୁ ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ଆୟୋଜନ କରିବେ । ଏଥିରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି, ଯେଉଁମାନଙ୍କୁ ୫ ଜଣ ଲେଖାଏଁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି ।

# ହକି ଇଣ୍ଡିଆ ଲିଗ୍-୨୦୨୬ : ଚମକିଲେ ଓଡ଼ିଶା ନାଭାଲ୍ ଟାଟା ହକି ଏଚ୍‌ପିସି କ୍ୟାଡେଟ୍

- ଓଡ଼ିଶା ନାଭାଲ୍ ଟାଟା ହକି ଏଚପିସିର ୮ ଜଣ କ୍ୟାଡେଟ୍‌ଙ୍କ ଅଂଶଗ୍ରହଣ
- ୫ ଜଣ କ୍ୟାଡେଟ୍ ପୋଡିୟମ୍ ଫିନିସ୍ ସହ ଜିତିଲେ ପଦକ
- ପୂରୁଣା ରେକର୍ଡ ଭାଙ୍ଗି ମାଇଲଷ୍ଟୋନ ହାସଲ କଲେ ଖେଳାଳି

**ଭୁବେନଶ୍ୱର**



ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୬ରେ ଓଡ଼ିଶା ନାଭାଲ୍ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)ର କ୍ୟାଡେଟ୍‌ମାନେ ଚମତ୍କାର କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟ ପାଇଁଗୌରବ ଆଣିଛନ୍ତି । ଏଚ୍‌ଆଇଏଲ୍‌ର ଏହି ସିଜିନରେ ଏକାଡେମୀର ମୋଟ ୮ ଜଣ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିବାରେ ସଫଳ ହୋଇଛନ୍ତି ।

ଚଳିତ ସିଜିନର ଚାମ୍ପିୟନ ‘ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ’ ଦଳରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ତିନି ପ୍ରତିଭାବାନ କ୍ୟାଡେଟ୍ ରୋହିତ କୁଲୁ, ଦୀପକ ପ୍ରଧାନ ଏବଂ ରୋଶନ କୁଜୁର ସାମିଲ ଥିଲେ । ଏଥିସହିତ ରନର୍ସଅପ୍ ଦଳ ‘ରାଞ୍ଚି ରୟାଲ୍ସ’ ପକ୍ଷରୁ ଅନମୋଲ ଏକ୍କା ଏବଂ କାଂସ୍ୟ ପଦକ ବିଜେତା ‘ହାଇଦ୍ରାବାଦ ତୁଫାନ୍ସ’ ପକ୍ଷରୁ ଇରେଙ୍ଗବାମ ରୋହିତ ସିଂ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ।

ଅଦ୍ରୋହିତ ଏକ୍କା ‘ତାମିଲନାଡୁ ଡ୍ରାଗନ୍ସ’ ପକ୍ଷରୁ ଖେଳି ହକି ଇଣ୍ଡିଆ ଲିଗ୍‌ରେ ନିଜର ପ୍ରଥମ ଗୋଲ୍‌ସ୍କୋର କରିଛନ୍ତି । ସେହିପରି ଗୋଲକିପର ବିବେକ ଲାକ୍ରା ‘ଶ୍ରାଚୀବେଙ୍ଗଲ ଟାଇଗର୍ସ’ ପକ୍ଷରୁ ଖେଳି ସେ ଏଚ୍‌ଆଇଏଲ୍ ଇତିହାସରେ ସବୁଠାରୁ କମ୍ ବୟସ୍କ ଖେଳାଳି ଭାବେ ରେକର୍ଡ କଣ୍ଟ୍ରାକ୍ଟ କରି ଇତିହାସ ରଚିଛନ୍ତି । ପ୍ରଦୀପ ମଣ୍ଡଳ ‘ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ’ ପକ୍ଷରୁ ଖେଳି ଏକାଡେମୀର ଗୌରବ ବଢ଼ାଇଛନ୍ତି ।

ଏହି ସଫଳତା ସମ୍ପର୍କରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରୋଜେକ୍ଟ ଡିରେକ୍ଟର ଗୁରମିତ ସିଂ ରାଓ କହିଛନ୍ତି, ‘ଆମ କ୍ୟାଡେଟ୍‌ମାନ କଠିନ ପରିସ୍ଥିତିରେ ଯେଉଁଳି ପ୍ରଦର୍ଶନ କରିଛନ୍ତି, ତାହା ସମଗ୍ର ଏକାଡେମୀ ପାଇଁ ଏକ ଗର୍ବର ବିଷୟ । ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ କୋଚ୍, ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ଆଜି ସେମାନେ ଜାତୀୟ ସ୍ତରରେ ପରିଚୟ ପାଇପାରିଛନ୍ତି ।

ହକି ଇଣ୍ଡିଆ ଲିଗ୍‌ରେ କ୍ୟାଡେଟ୍‌ଙ୍କ ଏହି ସଫଳତା ପାଇଁ ଓଏନ୍‌ଟିଏଚ୍‌ଏଚ୍‌ପିସି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ଉଚ୍ଚସ୍ତରୀୟ ପ୍ରତିଯୋଗିତାମୂଳକ ମଞ୍ଚ ପ୍ରଦାନ କରିଥିବାରୁ ଏଚ୍‌ଆଇଏଲ୍ ଫ୍ରାଞ୍ଚାଇଜ୍ ସମୂହକୁ ସାଧୁବାଦ ଜଣାଯାଇଛି ।

# ଅବସର ଉପରେ ଆଶ୍ଚର୍ଯ୍ୟଜନକ ବୟାନ ଦେଲେ କେଏଲ ରାହୁଲ

**ନୂଆଦିଲ୍ଲୀ**

କେଏଲ ରାହୁଲ ଜଣେ ଷ୍ଟାର ଭାରତୀୟ କ୍ରିକେଟର ଯିଏ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଛନ୍ତି । ତଥାପି, ସେ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଦଳରେ ସାମିଲ ନାହାନ୍ତି । ଏହା ଆଶ୍ଚର୍ଯ୍ୟଜନକ ଯେ ରାହୁଲଙ୍କ ପରି ଜଣେ ପ୍ରମୁଖ ଖେଳାଳି ନିଜକୁ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ କରନ୍ତି ନାହିଁ । ସେ ଏକ ୟୁଟ୍ୟୁବ ଚ୍ୟାନେଲରେ ପୂର୍ବତନ ଇଂଲଣ୍ଡ ଅଧିନାୟକଙ୍କ ସହ ଏକ ଆଲୋଚନାରେ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରିଥିଲେ ।

କେଏଲ ରାହୁଲ ପିଟରସନ୍‌ଙ୍କ ସହ ତାଙ୍କର ଆଲୋଚନାରେ କହିଥିଲେ, ଲୋକଙ୍କ କ୍ରିକେଟ ପ୍ରତି ଆଗ୍ରହ ଯୋଗୁ ମୁଁ କ୍ରିକେଟକୁ ପ୍ରେମ କରିନଥିଲି । ମୁଁ କେବଳ ଏହାକୁ ବାଛିଥିଲି । ମୁଁ ମନେ ରଖିଛି ଯେ ମୋ ବାପା କ୍ରିକେଟ ଖେଳୁଥିଲେ ଏବଂ ଯେତେବେଳେ ଆମେ ଘରେ ସମସ୍ତେ ଏକାଠି ହେଉଥିଲୁ, ସମସ୍ତ କ୍ରିକେଟ ଖେଳୁଥିଲେ । ବାପା ମୋତେ ବୋଲିଂ କରୁଥିଲେ, ଏବଂ ମୁଁ ସାରା ଦିନ ଖେଳୁଥିଲି କାରଣ ମୁଁ ଏହାକୁ ଉପଭୋଗ କରୁଥିଲି । ହୁଏତ ମୋ ଭାଗ୍ୟରେ କ୍ରିକେଟ ଖେଳିବା ଲେଖାଯାଇଥିଲା ।”

ରାହୁଲ କହିଥିଲେ, “ମୁଁ ସୁପରଷ୍ଟାର ବୋଲି ଭାବୁନାହିଁ । ଯେତେବେଳେ ଲୋକମାନେ ମୋତେ ପ୍ରଶଂସା କରନ୍ତି ସେତେବେଳେ ମୁଁ ଆଶ୍ୱସ୍ତି ଅନୁଭବ କରେ ।”

କେଭିନ ପିଟରସନ କହିଥିଲେ ଯେ ଭାରତରେ ଅବସର ବିଷୟରେ ଚିନ୍ତା କରିବା ସବୁଠାରୁ କଷ୍ଟକର କାମ । ଏହାର ଉତ୍ତରରେ କେଏଲ ରାହୁଲ କହିଥିଲେ, “ଯେତେବେଳେ ମୁଁ ଏହା ବିଷୟରେ ଭାବୁଛି, ଯଦି ଆପଣ ନିଜ ପ୍ରତି ସଚ୍ଚୋଟ ତେବେ ଏହା କଷ୍ଟକର ନୁହେଁ । ଯେତେବେଳେ ଅବସର ନେବାର ସମୟ ଆସିବ, ତାହା ଆସିବ; ଏହାକୁ ଲମ୍ବା କରିବାର କୌଣସି ଅର୍ଥ ନାହିଁ । ସ୍ପଷ୍ଟ ଭାବରେ, ଏବେ ବି କିଛି ସମୟ ଅଛି । ମୁଁ ଅନେକ ଥର ଆହତ ହୋଇଛି, ଏବଂ ସେଥିରୁ ସୁସ୍ଥ ହେବା ଯେକୌଣସି ଖେଳାଳିଙ୍କ ପାଇଁ ଏକ କଷ୍ଟକର ଯୁଦ୍ଧ । ଯେତେବେଳେ ଆପଣ ହାର ମାନିଯାଆନ୍ତି ଏହା ଏକ ମାନସିକ ଯୁଦ୍ଧ ।”

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CAD-3113

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ବିକାଶ ସଦନ ମାର୍କେଟ କମ୍ପ୍ଲେକ୍ସ, କଲେଜ ଛକ ସ୍ଥିତ ଦୋକାନ ଘର ନଂ-ଏ/୬୩ (ତଳ ମହଲା)ଟିକୁ ଜ୍ୟୋତିର୍ମୟ ମହାପାତ୍ର, ପିତା-ସ୍ୱର୍ଗତ ମହେନ୍ଦ୍ର ମହାପାତ୍ର, ସା- ପିଠାପୁର, ପୋ-ବକ୍ସି ବଜାର, ଥାନା-ବାଦାମବାଡ଼ି, ଜିଲ୍ଲା-କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ଶ୍ରୀମତୀ ରିତା ମହାନ୍ତି, ସ୍ୱାମୀ- ସନ୍ଦୀପ ପରିଡ଼ା, ସା-୧୦୬, ଶ୍ୟାମାକୁଞ୍ଜ ଆପାର୍ଟମେଣ୍ଟ, ଖାନନଗର, ରିଙ୍ଗରୋଡ୍, ପୋଷ୍ଟ-ଲିଙ୍କରୋଡ୍, ଥାନା-ବାଦାମବାଡ଼ି, ଜିଲ୍ଲା-କଟକ-୭୫୩୦୧୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି । ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ମାର୍କେଟ)
କଟକ ଉନ୍ନୟନ କର୍ତ୍ତୃପକ୍ଷ

GOVERNMENT OF ODISHA
E_mail: eerwkesinga@yahoo.com
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
e-Procurement Notice
BID IDENTIFICATION NO. RWKSNG-online-10/25-26
O-2151

1. Name of works : Road works (As per annexure)
2. Total No. of work : 2 Nos
3. Estimated Cost : Rs. 9.22 lakhs to Rs.9.72 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : 'D'&'C' Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-10/25-26 | 31.01.2026 at 11.00 A.M | 07.02.2026 upto 17.00 P.M. | 05.02.2026 upto 11.00 A.M | 09.02.2026 at 11.00 A.M |

Further details can be seen from the Website i.e www.tenderodisha.gov.in.

Sd/- Superintending Engineer
Rural Works Division, Kesinga

Government of Odisha
"e" Procurement Notice
E-mail ID:sepwdrgda1@gmail.com
B-1008
OFFICE OF THE SUPERINTENDING ENGINEER,
RAYAGADA(R&B) DIVISION NO -I, RAYAGADA
Bid Identification No: RC (RANDB) RGD 211 2025-2026 ( Single Cover- Online tender)
File No. E-II-C8- 28/2025 No. 198 Dated 19.01.2026

1. No. of the works: - 08(Eight) Electrical Works only
2. Estimated Cost: - Rs. 0.64 Lakhs to 21.17Lakhs
3. Cost of document: - Rs.400/- to Rs.6000/
4. Bid Security: - Rs.700/- to Rs.21,200/
5. Class of Contractor: - MV/above.
6. The Bid documents will be available in the website **www.tendersodisha.gov.in from11.00 Hrs. of dated 31-01-2026 to 17.00 Hrs. of dated 10-02-2026 for online bidding.**
7. Last date/Time for receipt of bids in the portal: - Upto17.00Hrs. of Dated 10-02-2026
8. Bids received "on-line" shall be **opened at 11.30 Hours on dated 11-02-2026** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the e-Procurement portal: "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Sd/- Superintending Engineer
Rayagada (R&B) Division-I

ଭୁବନେଶ୍ୱର
୩୦ ଜାନୁଆରୀ,
ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ମାମଲା

# ହାଇକୋର୍ଟରେ ହାଜର ହେଲେ ଓପିଏସ୍‌ସିର ପୂର୍ବତନ ସଚିବ କୁମୁଦ ଚନ୍ଦ୍ର ମଲ୍ଲିକ

**କଟକ, ୨୯।୧ :ନ୍ୟୁଜ୍‌ବ୍ୟୁରୋ**

ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ପ୍ରସଙ୍ଗ ନୂଆ ମୋଡ଼ ନେଇଛି । ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ପୂର୍ବତନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଓପିଏସ୍‌ସିର ତତ୍କାଳୀନ ସଚିବ କୁମୁଦ ଚନ୍ଦ୍ର ମଲ୍ଲିକଙ୍କୁ ଫେବୃୟାରୀ ୯ରେ ଉପସ୍ଥିତ ରହିବାକୁ ପୁଲିସ ଜରୁରି ନୋଟିସ୍ ଜାରି କରିବ ବୋଲି ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ ତାଙ୍କୁ ଖୋଜି ବାହାର କରି ନୋଟିସ୍ ପ୍ରଦାନ କରିବ । ନୋଟିସ୍ ଯଦି ତାଙ୍କୁ ପ୍ରଦାନ କରା ନ ଯାଏ ତେବେ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହିତ ଗ୍ରହଣ କରାଯିବ । ତ୍ରୁଟି କରିଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଚାକିରିରୁ ଅବସର ଗ୍ରହଣ କରି ସାରିଥିବା ଶ୍ରୀ ମଲ୍ଲିକଙ୍କ ପେନ୍‌ସନ୍ ରେକର୍ଡରୁ ତାଙ୍କ ସଂପର୍କିତ ତଥ୍ୟ ସରକାରଙ୍କ ତରଫରୁ ପୁଲିସକୁ ତୁରନ୍ତ ପ୍ରଦାନ କରାଯିବ ବୋଲି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ସମୟରେ ଓପିଏସ୍‌ସି ସଚିବ ବିଜୟ କୁମାର ଖଣ୍ଡାୟତରାୟ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ।



ଘଟଣା ସମୟରେ ସେ ଓପିଏସ୍‌ସି ସଚିବ ନଥିଲେ ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ । ତତ୍କାଳୀନ ସଚିବଙ୍କ ଉପସ୍ଥିତି ଆବଶ୍ୟକ ଥିବା ବେଳେ ଶ୍ରୀ ମଲ୍ଲିକ ୨୦୨୧ରୁ ଅବସର ନେଇ ସାରିଥିବା ଜଣାପଡ଼ିଥିଲା । ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭-୧୮ରେ ଓପିଏସ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ (ଡେଣ୍ଟାଲ୍) କ୍ୟାଡର ଗ୍ରୁପ-କ(ଜୁନିୟର) ୧୯୮ଟି ଡେଣ୍ଟାଲ୍ ସର୍ଜନ୍ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ଫଳ ପ୍ରକାଶ ପରେ ୧୭୧ଜଣ ପ୍ରାର୍ଥୀଙ୍କ ନାଁ ଓପିଏସ୍‌ସି ୨୦୧୮ ଅଗଷ୍ଟ ୯ରେ ସୁପାରିସ କରିବା ପରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ନିଯୁକ୍ତି ପରୀକ୍ଷାରେ ସମ୍ଭାବ୍ୟ ଉତ୍ତର (କି ଆନସାର) ଭୁଲ୍ ଥିବା ଅଭିଯୋଗ ପରେ ଓପିଏସ୍‌ସି ବିଶେଷଜ୍ଞ କମିଟିର ରିପୋର୍ଟ ଆଧାରରେ ପ୍ରାର୍ଥୀଙ୍କ ଖାତାର ପୁନଃମୂଲ୍ୟାୟନ କରାଯାଇ ମାର୍କରେ ସଂଶୋଧନ କରାଯାଇଥିଲା । ସଂଶୋଧନ ପରେ ନିଯୁକ୍ତିରୁ ବାଦ୍ ପଡ଼ିଥିବା କେତେକ ପ୍ରାର୍ଥୀଙ୍କ ମାର୍କଠାରୁ କମ୍ ମାର୍କ ରଖିଥିବା ୧୧ ପ୍ରାର୍ଥୀଙ୍କ ନାଁ ଓପିଏସ୍‌ସି ଅନୁମୋଦନ କରିଥିବା ଓ ଏପରି କମ୍ ମାର୍କ ରଖିଥିବା ପ୍ରାର୍ଥୀ ନିଯୁକ୍ତି ପାଇ ଚାକିରି କରୁଥିବା ସ୍ପଷ୍ଟ ହୋଇଥିଲା । ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ରାୟ ବିରୋଧରେ ଓପିଏସସି ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାୟର କରିଥିଲା । ଏହି ୧୧ଜଣଙ୍କୁ ଚାକିରିରୁ ବହିଷ୍କାର ନ କରିବା ପାଇଁ ଓପିଏସ୍‌ସି ସରକାରଙ୍କୁ ପରାମର୍ଶ ଦେଇଥିଲା । ସମଗ୍ର ସଂଶୋଧିତ ମେଧା ତାଲିକା ଦାଖଲ ପାଇଁ ଓପିଏସ୍‌ସିକୁ ହାଇକୋର୍ଟ କହିଥିଲେ ।

## ମାଓବାଦୀଙ୍କୁ କଡ଼ା ଜବାବ

# ଏକେ-୪୭ ସହ ବିସ୍ଫୋରକ ଜବତ

**ମାଲକାନଗିରି, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୁଣି ନକ୍ସଲ ଏବଂ ପୁଲିସ ମୁହାଁମୁହିଁ ହୋଇଛନ୍ତି । ଏହି ଗୁଳିବିନିମୟରେ ୨ ଜଣ ନକ୍ସଲ ନିହତ ହୋଇଥିବା ବେଳେ ଏକେ-୪୭ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଜିଲ୍ଲାର ଦକ୍ଷିଣ ବସ୍ତର ଅଞ୍ଚଳକୁ ସର୍ଚ୍ଚ ଅପରେସନ ପାଇଁ ବାହାରିଥିଲେ । ଗୁରୁବାର ସକାଳୁ ତେଲେଙ୍ଗାନା ଏବଂ ବିଜାପୁର ଜିଲ୍ଲାର ସୀମାନ୍ତ ଅଭୟାରଣ୍ୟରେ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ । ଦୁଇ ପଟୁ ଦୀର୍ଘ ସମୟ ଧରି ଗୁଳିବିନିମୟ ଘଟିଥିବା ଜଣାପଡିଛି ।

ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨ ଜଣ ମାଓବାଦୀଙ୍କ ଶବ ଉଦ୍ଧାର କରିଥିବା ଜଣାପଡିଛି । ଏଥିସହ ଏକେ-୪୭ ବନ୍ଧୁକ, ୯ ଏମଏମ ପିସ୍ତଲ ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଥିବା ଜଣାପଡିଛି । ଜଙ୍ଗଲରେ ରହି ରହି ଏବେବି ଗୁଳିବିନିମୟ ଘଟୁଥିବାରୁ ଯବାନ ଫେରିବା ପରେ ହିଁ ଏହି ଗୁଳିବିନିମୟରେ କେତେ ନକ୍ସଲ ମୃତାହତ ହେଲେ କୁହାଯାଇପାରିବ ବୋଲି ପୁଲିସ ସୂଚନା ଦେଇଛି ।

# ରାଷ୍ଟ୍ରପତିଙ୍କ ଗସ୍ତ ନିମନ୍ତେ ଶିମିଳିପାଳରେ ପର୍ଯ୍ୟଟକଙ୍କ ପାଇଁ କଟକଣା

**ବାରିପଦା, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶିମିଳିପାଳ ଅଭୟାରଣ୍ୟ ଗସ୍ତ କାର୍ଯ୍ୟକ୍ରମକୁ ନେଇ ୩ଦିନ ଶିମିଳିପାଳ ପର୍ଯ୍ୟଟକଙ୍କ ନିମନ୍ତେ କଟକଣା ଜାରି କରାଯାଇଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷଣ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ଫେବୃୟାରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ସେ ଶିମିଳିପାଳ ଅଭୟାରଣ୍ୟ ବୁଲିବା ସମେତ ରାତ୍ରି ରହଣି କରିବେ । ତେଣୁକରି ସୁରକ୍ଷା ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରାଯାଇଛି । ଯଶିପୁର ପଟୁ କାଳିକା ପ୍ରସାଦ ତନଖି ଫାଟକ ଦେଇ ପର୍ଯ୍ୟଟକଙ୍କ ପ୍ରବେଶ ଫେବୃୟାରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ସେ ଗୁଡୁଗୁଡ଼ିଆରେ



ରହଣି କରିବାକୁ ଥିବାରୁ ଗୁଡୁଗୁଡ଼ିଆ ଜୋନରେ ପର୍ଯ୍ୟଟକଙ୍କ ପ୍ରବେଶ ବାରଣ ହୋଇଛି । ସେହିପରି ଗୁଡୁଗୁଡ଼ିଆ ଜୋନରେ ପର୍ଯ୍ୟଟକଙ୍କ ସଫାରି ଚଳପ୍ରଚଳ ଫେବୃୟାରୀ ୫ ତାରିଖ ଅପରାହ୍ନରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ବନ୍ଦ ରହିବ । ସୂଚନା ଅନୁଯାୟୀ, ଗସ୍ତ ସମୟରେ ଫେବୃୟାରୀ ୫ ତାରିଖ ଅପରାହ୍ନ ୩:୩୦ରେ ଦାଣ୍ଡବୋଷରୁ ବାହାରି ହେଲିକ୍ୟାପ୍ଟର ଯୋଗେ ଯଶିପୁର ସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବେ । ଏହାପରେ ସ୍ୱତନ୍ତ୍ର ଗାଡିରେ ସଡ଼କ ପଥରେ ଶିମିଳିପାଳ ଭିତରକୁ ପ୍ରବେଶ କରିବେ । ଶିମିଳିପାଳ ବୁଲିବା ସହ ରାତ୍ର ଭୋଜନ କରି ରାତ୍ରି ରହଣି କରିବେ । ତହିଁ ପରଦିନ ଫେବୃୟାରୀ ୬ତାରିଖ ସକାଳ ୯:୧୫ରେ ଶିମିଳିପାଳ ଅଞ୍ଚଳର ଆଦିବାସୀ ମହିଳା ଓ ଯୁବକମାନଙ୍କ ସହିତ ଆଲୋଚନା କରିବେ । ଏହାପରେ ୧୦:୧୦ରେ ଶିମିଳିପାଳରୁ ବାହାରି ୧୧:୨୫ରେ ଯଶିପୁର ହେଲିପ୍ୟାଡ୍‌ରେ ପହଞ୍ଚିବେ । ସେଠାରୁ ୧୧:୩୫ରେ ରାଷ୍ଟ୍ରପତି ସ୍ୱତନ୍ତ୍ର ଆଇଏଏଫ ଏମଆଇ-୧୭ ହେଲିକେପ୍ଟରରେ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟକୁ ଯାତ୍ରା କରିବେ ।

# ବାଂଲାଦେଶରେ ଇସ୍କନ ଭକ୍ତ ଓ ସାଧୁମାନଙ୍କ ମୁଣ୍ଡ କାଟି ଦିଆଯାଉଛି

**ଭୁବନେଶ୍ୱର, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ବାଂଲାଦେଶରେ ଇସ୍କନ ଭକ୍ତ ଓ ସାଧୁମାନଙ୍କର ପ୍ରକାଶ୍ୟରେ ମୁଣ୍ଡ କାଟିଦିଆଯାଉଛି । ମନ୍ଦିରରେ ପ୍ରବେଶ କରି ଦୁର୍ବୃତ୍ତମାନେ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମାତା ସୁଭଦ୍ରାଙ୍କ ମୁଣ୍ଡ କାଟିଦେବା ସଂଗେ ସଂଗେ ମନ୍ଦିରରେ ଥିବା ଭକ୍ତ ଓ ସାଧୁମାନଙ୍କର ମୁଣ୍ଡକୁ ଟାଙ୍ଗିଆ ତଥା ଖଣ୍ଡାରେ କାଟି ଦେଉଛନ୍ତି । ଏପରିକି ମନ୍ଦିର ପରିସରରେ ଫୁଲ ତୋଳୁଥିବା ଭକ୍ତ ଓ ସାଧୁମାନଙ୍କର ସେହି ସମୟରେ ହି ମୁଣ୍ଡ କାଟିଦିଆଯାଉଛି ବୋଲି ଅନ୍ତର୍ଜାତୀୟ ଇସ୍କନ ସନ୍ୟାସୀ ହିଜ୍ ହୋଲିନେସ ଭକ୍ତି ବିଲକ୍ଷଣ ଆତ୍ମାରାମନନ୍ଦ କ୍ରିଷ୍ଟଚୈତନ୍ୟ ସ୍ୱାମୀ 'ସମ୍ବାଦ କଳିକା'କୁ କହିଛନ୍ତି । ଗତ ୧୨ ବର୍ଷ ଧରି ଆମେରିକା, ଦକ୍ଷିଣ ଆଫ୍ରିକା, ଜର୍ମାନ, ଫ୍ରାନ୍ସ, ସୁଇଜରଲ୍ୟାଣ୍ଡ, ଇଂଲଣ୍ଡ, ବାହାରିନ, ବାଂଲାଦେଶ, ଦୁବାଇ ପ୍ରଭୃତି ୧୮ଟି ଦେଶରେ



ଅବସ୍ଥାନ କରି ଇସ୍କନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କାର୍ଯ୍ୟରେ ସଂପୃକ୍ତ ରହି ଏବେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି । ଏହି ଅନ୍ତର୍ଜାତିକ ସନ୍ୟାସୀଙ୍କ ଅନୁଭୂତି ଶୁଣିଲେ ସ୍ୱତଃ ଯେକୌଣସି ବ୍ୟକ୍ତିଙ୍କର ଲୋମ ଟାଙ୍କୁରି ଉଠିବ । ଦୁବାଇ, ବାହାରିନର ନାଗରିକମାନେ ଅଧିକାଂଶ ଅନ୍ୟ ସଂପ୍ରଦାୟର ହୋଇଥିଲେ ହେଁ ସେମାନେ ଇସ୍କନ ଓ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ସଂପୂର୍ଣ୍ଣ ସମ୍ବେଦନ-ଶୀଳ ରହିଥିବାର ପରିଲକ୍ଷିତ ହୋଇଛି । ସେଠାରେ ସରକାରୀ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦିଆଯାଇଥାଏ । ହେଲେ ବାଂଲାଦେଶରେ ସ୍ଥିତି ଭିନ୍ନ । ବାଂଲାଦେଶରେ ଦୀର୍ଘ ଦିନ ଧରି ରହି ଯେଉଁ ଅନୁଭୂତି ଅର୍ଜନ କରିଛନ୍ତି ତାହାକୁ ଗୋଟି ଗୋଟି କରି ବର୍ଣ୍ଣନା କଲେ ସାଧାରଣତଃ ସହ୍ୟ କରି ହେବ ନାହିଁ । ବାଂଲାଦେଶର ୧୮ଟି ହେଡକ୍ୱାର୍ଟର (ଚିଟାଗଙ୍ଗର ବିପରୀତ ଅଞ୍ଚଳ)ରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରାଯାଉଥିବା ବେଳେ ଦୁର୍ବୃତ୍ତମାନେ ମନ୍ଦିର ଭିତରେ ପ୍ରବେଶ କରି ପୂଜିତ ବିଗ୍ରହଙ୍କ ମୁଣ୍ଡ କାଟିଦେବା ସହ ସାଧୁ ଓ ଭକ୍ତମାନଙ୍କ ମୁଣ୍ଡକୁ ମନ୍ଦିର ଭିତରେ ହିଁ କାଟି ଦେଉଥିଲେ । ପ୍ରକାଶ୍ୟରେ ମନ୍ଦିର ଭିତରକୁ ଆସୁଥିବା ହିନ୍ଦୁ ଝିଅବୋହୂଙ୍କୁ ଅତ୍ୟାଚାର ପୂର୍ବକ ନିଆଁ ଲଗାଇଦେବା ଭଳି ଘଟଣା ସେ ବର୍ଣ୍ଣନା କରିଥିଲେ । ମନ୍ଦିର ମଧ୍ୟରେ ମଧ୍ୟାହ୍ନ ଭୋଜନରେ ପ୍ରସାଦ ସେବନ କରୁଥିବା ୩ ଜଣ ଭକ୍ତଙ୍କ ମୁଣ୍ଡ ଏକକାଳୀନ କଟାହୋଇଥିଲା । ଏହାର ସମସ୍ତ ଫଟୋଚିତ୍ର ତାଙ୍କ ନିକଟରେ ଥିଲେ ବି ଏହାକୁ ପ୍ରକାଶ କରିବାକୁ ଆମେ ଚାହୁଁ ନାହୁଁ । ଏହି ଆନ୍ତର୍ଜାତିକ ସନ୍ୟାସୀ ଦୀର୍ଘ ୪୦ ବର୍ଷ ଧରି ଇସ୍କନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରି ଆସୁଛନ୍ତି ।

## ପାରିବାରିକ ବିବାଦରୁ ପତ୍ନୀଙ୍କୁ ହତ୍ୟା କଲା ସ୍ୱାମୀ

**ରାୟଗଡ଼ା, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ପାରିବାରିକ ବିବାଦ ଭୟଙ୍କର ରୂପ ନେଇଛି । ଶୋଇଥିବା ପତ୍ନୀ ଉପରେ ନୃଶଂସ ସ୍ୱାମୀ ଗୋଟେ ପରେ ଗୋଟିଏ ଟାଙ୍ଗିଆ ଚୋଟ ମାରିଛି । ଟାଙ୍ଗିଆ ଚୋଟର ଶିକାର ହୋଇଥିବା ମହିଳାଙ୍କର ମୃତ୍ୟୁ ଘଟିଛି । ରାୟଗଡ଼ା ଜିଲ୍ଲା କୁମ୍ଭିକୋଟା ଫାଣ୍ଡି ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି ।



ପୁଲିସ କହିଛି, ରାୟଗଡ଼ା ବ୍ଲକ ନାକଟି ପଞ୍ଚାୟତ ଇର୍ପିପୁଟ ଗ୍ରାମର ରଘୁ ମେଲେକା ବୁଧବାର ରାତିରେ ଶୋଇଥିବା ଅବସ୍ଥାରେ ପତ୍ନୀ ମଲତା ମେଲେକାଙ୍କୁ (୫୧ବର୍ଷ) ଟାଙ୍ଗିଆରେ ହାଣି ହତ୍ୟା କରିଛି । କୌଣସି କାରଣକୁ ନେଇ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ବିବାଦ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ମଲତା ଶୋଇଥିବା ଅବସ୍ଥାରେ ବେକ ଓ ମୁଣ୍ଡକୁ ହାଣି ଦେଇଥିଲା । ଘଟଣାସ୍ଥଳରେ ହିଁ ମଲତାଙ୍କ ମୃତ୍ୟୁ ହୋଇଯାଇଥିଲା ।

ହତ୍ୟାକାଣ୍ଡ ସଂପର୍କରେ କୁମ୍ଭିକୋଟା ଫାଣ୍ଡିରେ ପରିବାରବର୍ଗ ସୂଚନା ଦେଲାପରେ ରାୟଗଡ଼ା ଏସଡିପିଓ ଗୌରହରି ସାହୁ, ରାୟଗଡ଼ା ଆଇଆଇସି ପ୍ରସନ୍ନ କୁମାର ବେହେରା, ଫାଣ୍ଡି ଅଧିକାରୀ ଗିଆସଉଦ୍ଦୀନ ଖାନ ଓ ଅନ୍ୟ ଅଧିକାରୀମାନେ ଗୁରୁବାର ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା କୁମ୍ଭିକୋଟା ଫାଣ୍ଡି ଅଧିକାରୀ ଶ୍ରୀ ଖାନ ପ୍ରକାଶ କରିଛନ୍ତି । ହତ୍ୟାକାରୀ ସ୍ୱାମୀ ରଘୁ ମେଲେକାକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି । ହତ୍ୟାପାଇଁ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ପୁଲିସ ଜବତ କରିଛି । ଏହି ଘଟଣାରେ ଅଜିତ କୁମାର ପରିଡ଼ା ତଦନ୍ତ କରୁଛନ୍ତି ।




ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ସଭାଗୃହରେ ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ମିଳିତ ଆନୁକୂଲ୍ୟରେ ୨୧୨ତମ ଆଲୋଚନାଚକ୍ର 'ଭାବର ଠାକୁର ଶ୍ରୀଜଗନ୍ନାଥ' ସନ୍ଧ୍ୟାରେ ଦୁଇ ସାରଳା ପୁରସ୍କାର ବିଜେତା ଲେଖିକା ବନଜ ଦେବୀଙ୍କ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ 'ମଧୁରମ୍ ମଧୁରାପତି' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟଅତିଥି ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ଅସିତ୍ ମହାନ୍ତି, ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ଓ ଆବାହକ ରମାକାନ୍ତ ମିଶ୍ର । ଲେଖିକା ବନଜ ଦେବୀ ଏବଂ ଚିତ୍ରଶିଳ୍ପୀ ବଳଦେବ ମହାରଥା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି । (ଫଟୋ : ସମ୍ବାଦ କଳିକା)

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା : ୬ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ବ୍ରହ୍ମପୁର, ୨୯।୧ :ନ୍ୟୁଜ୍‌ବ୍ୟୁରୋ**

୨୦୨୪ ମସିହା ମେ' ମାସରେ ବ୍ରହ୍ମପୁର ସହରର ବୈଦ୍ୟନାଥପୁର ଥାନା ଅଞ୍ଚଳର ଏକ ବ୍ୟାଚଲର ରୁମ୍‌ରେ ଯୁକ୍ତଦୁଇ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା । ଗୁରୁବାର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକଙ୍କ କୋର୍ଟରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ୬ଜଣ ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଏହି ଘଟଣାରେ ପୁଲିସ ୪ ଇଂଜିନିୟରିଂ ଛାତ୍ରଙ୍କ ସମେତ ୫ଜଣ ଛାତ୍ରଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା । ସେମାନେ ହେଲେ ଆସିକା ଥାନା ପାଢ଼ୀ କଲୋନୀର ରୁତୁନ କୁମାର ଦାସ(୨୨), କୋଟିନଡ଼ା ଥାନା ବାବନପୁର ପାଟଣାସାହିର ରୁଦ୍ର ଜେନା(୨୨), ବେଗୁନିଆପଡ଼ା ଥାନା ବାଲିସାହିର ଅଭିଲାଷ ପଲାଇ ଓରଫ୍ ଅଭି(୧୯), ସୋରଡ଼ା ଥାନା ସମ୍ବାଲିର ଆକାଶ ନାୟକ(୨୬) ଓ ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ଼(୧୯) । ଏମାନଙ୍କ ଭିତରୁ ଜଣେ ବି ଫାର୍ମା ଓ ଆଉ ଚାରିଜଣ ବ୍ରହ୍ମପୁରର ବିଭିନ୍ନ ଇଂଜିନିୟରିଂ କଲେଜ ଛାତ୍ର । ସମସ୍ତେ ମିଶି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ଲାଇନରେ ଏକ ଭଡ଼ାଘରେ ମେସ୍ କରି ରହୁଥିଲେ । ପୁଲିସ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କେସ୍ ନମ୍ବର ୨୪୦/୨୪ରେ କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଡ.ସାର୍ଥକ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ଡାହାଣୀ ସନ୍ଦେହରେ ମା'କୁ ହତ୍ୟା କଲା ପୁଅ



**ବାରିପଦା, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ଅନ୍ଧ ବିଶ୍ୱାସର କରୁଣ ପରିଣତି ଘଟିଛି । ଡାହାଣୀ ସନ୍ଦେହରେ ଜନ୍ମଦାତ୍ରୀ ମା'କୁ କଟୁରୀରେ ହାଣି ହତ୍ୟା କଲା ଜହ୍ଲାଦ ପୁଅ । ବେତନଟୀ ଥାନା ଭଳିଆଡ଼ିହା ପଞ୍ଚାୟତ କଲରାଫୁଲିଆ ଗାଁରେ ଘଟିଛି ଏହି ଘଟଣା । ଅଭିଯୁକ୍ତ ପୁଅ ତପନ ସିଂ ଗିରଫ ହୋଇଛି । ମୃତ ମା' ହେଉଛନ୍ତି ରାଇମଣି ସିଂ । ଗତ କିଛି ମାସ ପୂର୍ବେ ତପନଙ୍କ ସ୍ତ୍ରୀଙ୍କ ଗର୍ଭରେ ହିଁ ଶିଶୁର ମୃତ୍ୟୁ ହୋଇଥିଲା । ତପନର ସନ୍ଦେହ ନିଜ ଜନ୍ମ କଲା ମା' ଉପରେ ହୋଇଥିଲା । ମାଆ ହିଁ ଡାହାଣୀ ହୋଇ ତା' ପୁଅକୁ ଖାଇଛି ବୋଲି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇଥିଲା ତପନ । ସେହି ରାଗରେ ଗୁରୁବାର ସକାଳୁ ଏକ କଟୁରିରେ ମାଆକୁ ହାଣୀ ହତ୍ୟା କରିଥିଲା । ପଡ଼ୋଶୀ ଚିତ୍କାର ଶୁଣି ଦେଖିବା ବେଳକୁ ମାଆ ଚଟାଣରେ ଟଳି ପଡ଼ିଥିଲା । ସଙ୍ଗେ ସଙ୍ଗେ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ବେତନଟୀ ଥାନା ପୋଲିସ୍ ପହଞ୍ଚି ଅଭିଯୁକ୍ତ ପୁଅକୁ ଗିରଫ କରିବା ସହ ଶବକୁ ଜବତ୍ କରି ତଦନ୍ତ ଆରମ୍ଭ କରିଛି ।

# ଭିଜିଲାନ୍ସ ଜାଲରେ ପଡ଼ିଲେ ଏସ୍‌ସିବି ମେଡ଼ିକାଲର ପ୍ରଫେସର

**କଟକ, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଏସ୍.ସି.ବି ମେଡ଼ିକାଲର ଆସୋସିଏଟ୍ ପ୍ରଫେସର ଡା. ସନାତନ ବେହେରା । ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସନାତନ ବେହେରାଙ୍କୁ ଧରିଲା ଭିଜିଲାନ୍ସ । ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଯାଉଥିଲା ବେଳେ ମାଡ଼ିବସିଲା ଭିଜିଲାନ୍ସ ଟିମ୍ । ତେବେ ବିଭାଗକୁ ସାମଗ୍ରୀ ଯୋଗାଣ ପାଇଁ ବିଡର ଠାରୁ ଲାଞ୍ଚ ନେଉଥିବା ଅଭିଯୋଗ ଆସିଛି । ସରକାରୀ କ୍ୱାର୍ଟର୍ସକୁ ସ୍କୁଟରରେ ଟଙ୍କା



ନେଇ ଯିବାବେଳେ ଧରାପଡ଼ିଲେ । କାଠଗୋଲାସାହି-ମେଡିକାଲ୍ ରୋଡ୍‌ରେ ତାକୁ କାବୁ କଲା ଭିଜିଲାନ୍ସ ଟିମ୍ । ସମସ୍ତ ଟଙ୍କା ଜବତ ସହ ଆସୋସିଏଟ୍ ପ୍ରଫେସରଙ୍କ ୩ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ । କଟକ ମେଡିକାଲ ରୋଡସ୍ଥିତ କାଠଗୋଲାସାହିସ୍ଥିତ ବାସଭବନ ଆଡ଼କୁ ନିଜ ସ୍କୁଟିରେ ଆଗକୁ ବଢୁଥିବା ବେଳେ ଭିଜିଲାନ୍ସ ବିଭାଗ ଚଢ଼ଉ କରିଥିଲା । ଏତେ ଟଙ୍କା କେଉଁଠୁ ଆସିଲା ବୋଲି ପଚରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଏହି ଘଟଣା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ବେହେରାଙ୍କ ୩ଟି ଠିକଣାରେ ଚଢ଼ଉ କରିଛି । ଭିଜିଲାନ୍ସ ବିଭାଗ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି ।

# ମୃତଶରୀର ନେବା ପାଇଁ ଆରମ୍ଭ ହେବ ୧୦୯ ନମ୍ବର ବିଶିଷ୍ଟ ଗାଡ଼ି

**ପାରଳାଖେମୁଣ୍ଡି, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁବାର ଦିନ ଗଜପତି ଜିଲ୍ଲାକୁ ଦିନିକିଆ ଗସ୍ତ କରିଥିଲେ । ଏହି ଅବସରରେ ସେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସମ୍ପର୍କରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିବା ସହ ଏନେଇ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଆହୁରି ଅଧିକ ତତ୍ପର ହେବାକୁ ପରାମର୍ଶ ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପରେ ସାମ୍ବାଦିକଙ୍କୁ ସମ୍ବୋଧିତ କରିବା ସମୟରେ ଜିଲ୍ଲାରେ ଡାକ୍ତର ଓ ପାରା-ମେଡିକାଲ ଷ୍ଟାଫର ଘୋର ଅଭାବ ସହ ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ୍ ଓ କାନ୍ଧରେ ବୋହି ମୃତ ଶରୀର ନିଆଯାଉଥିବା ସମ୍ପର୍କରେ ଉତ୍ତର ରଖି ସ୍ୱୀକାର କରିଥିଲେ । ରାଜ୍ୟରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫର ଅଭାବ ରହିଛି । ଆଗାମୀ ଦିନରେ ଏହାର ପୂରଣ ପାଇଁ ବ୍ୟବସ୍ଥା କରାଯିବ । ଏଥିପାଇଁ ସରକାର ନୂତନ ଭାବେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ରୁ ୬ ଜଣ ପିଜି ଡିପ୍ଲୋମା ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରିବାକୁ ଯୋଜନା କରୁଛନ୍ତି । ଫଳରେ ପିଏଚସି ଓ ସିଏଚସି ସ୍ତରରେ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ଅଭାବ ଦୂର ହୋଇ ପାରିବ ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରୟାଣ ପରିବର୍ତ୍ତେ ଖୁବ୍ ଶୀଘ୍ର ଆଗାମୀ ଦୁଇ ମାସ ମଧ୍ୟରେ ମୃତଶରୀର ନେବା ପାଇଁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ । ଖୁବ୍ ଶୀଘ୍ର ଜିଲ୍ଲାର ସମସ୍ତ ୧୪୯ ଗୋଟି ପଞ୍ଚାୟତରେ ଆୟୁ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବା ସହ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯିବ । ଜିଲ୍ଲାର ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୬ଟିକୁ ଉନ୍ନିତ କରାଯିବ । ୨୧ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ଉନ୍ନିତ କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୫୦ ଶଯ୍ୟା ବିଶିଷ୍ଟ କରାଯିବ ।

# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ସମୀକ୍ଷା କଲେ କେନ୍ଦ୍ର କୃଷି ମନ୍ତ୍ରୀ

**ଭୁବନେଶ୍ୱର, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ଗୁରୁବାର ସମୀକ୍ଷା କରିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ । ଆଭାସି ମାଧ୍ୟମରେ ଦେଶର ସମସ୍ତ ରାଜ୍ୟର କୃଷି ମନ୍ତ୍ରୀମାନେ ଯୋଗଦେଇଥିଲେ । ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ପାଣ୍ଠିରୁ ଓଡ଼ିଶା ୭୯ ପ୍ରତିଶତ




ଏବଂ କୃଷୋନ୍ନତି ଯୋଜନା ଅଧୀନରେ ୮୦ ପ୍ରତିଶତ ବ୍ୟବହାର କରିସାରିଛି, ଯାହା ରାଜ୍ୟର କୃଷି ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରୁଛି । ବଳକା ପାଣ୍ଠିକୁ କେନ୍ଦ୍ର ସରକାର ଯଥାଶୀଘ୍ର ପ୍ରଦାନ କଲେ ଛଅଟି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ । ସମୀକ୍ଷା ବୈଠକରେ ଓଡ଼ିଶାର କୃଷି କ୍ଷେତ୍ରରେ ପ୍ରଗତି ଓ ପାଣ୍ଠିର ସୁବିନିଯୋଗ ପାଇଁ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏହି ବିକାଶର ଧାରା ଜାରି ରହିବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ-ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଥିବାବେଳେ କୃଷୋନ୍ନତି ଯୋଜନା ଖାଦ୍ୟ ସୁରକ୍ଷା ଓ ଆତ୍ମନିର୍ଭରତା ଉପରେ ଧ୍ୟାନ ଦେଉଛି । ଓଡ଼ିଶାର ପଦକ୍ଷେପଗୁଡ଼ିକରେ ପ୍ରାକୃତିକ କୃଷି, ଫସଲ ବିବିଧତା ଏବଂ ଶ୍ରୀଅନ୍ନ ନିମନ୍ତେ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ ।

ବୈଠକରେ ଆଭାସି ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ଶାସନ ସଚିବ ଡ. ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଳିଆଗଦାରୁ ଶିଶୁକନ୍ୟା ଉଦ୍ଧାର

**ଦେଓଗାଁ, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀରରେ ପୁଣି ଥରେ ଅଲୋଡ଼ା ହୋଇଛି ଶିଶୁକନ୍ୟା । ଅଳିଆଗଦାରୁ ଉଦ୍ଧାର ହୋଇଛି ନବଜାତକ । ଉଦ୍ଧାର ହୋଇଥିବା ଶିଶୁକୁ ସଇତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଯାଉଥିବା ଜଣାପଡିଛି । ତେବେ କିଏ ଓ କାହିଁକି ଶିଶୁକନ୍ୟାକୁ ଅଲୋଡ଼ା କରି ଗାଁ ମୁଣ୍ଡ ଅଳିଆଗଦାକୁ ଫିଙ୍ଗି ଦେଲା ସେନେଇ ତଦନ୍ତ ଜାରି ରହିଛି ।

ସୂଚନା ମତେ ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ପୁଲିସ ଫାଣ୍ଡି ଅଧୀନରେ ଥିବା ଧରବଗଡ଼ ଗାଁର ଏକ ଅଳିଆଗଦା ନିକଟରେ ନବଜାତକ ଶିଶୁକନ୍ୟା ପଡ଼ିଥିବାର ଚର୍ଚ୍ଚା ହୋଇଥିଲା । ତେବେ ଏହାକୁ ନେଇ ଗାଁ ଲୋକ ରୁଣ୍ଡ ହୋଇ ଶିଶୁଟିକୁ ଉଦ୍ଧାର କରିଥିଲେ । ପରେ ଶିଶୁ ସୁରକ୍ଷା ୟୁନିଟ ଜରିଆରେ ସଇତଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଉଥିବା ସୂଚନା ହସ୍ତଗତ ହୋଇଛି ।

## ବନ୍ଦ ଘରେ ଯୁବତୀଙ୍କୁ ଅସଦାଚରଣ କରି ଠକ ତାନ୍ତ୍ରିକ ଗିରଫ

**କଟକ, ୨୯।୧**
**ନ୍ୟୁଜ୍‌ବ୍ୟୁରୋ**

ବନ୍ଦ ଘରେ ଯୁବତୀଙ୍କୁ ଅସଦାଚରଣ କରି ଜଣେ ତାନ୍ତ୍ରିକ ଗିରଫ ହୋଇଛନ୍ତି । ତନ୍ତ୍ର ପୂଜା କରି ଘର ଭିତରେ ରିଷ୍ଟ ଖଣ୍ଡନ ଆଳରେ ତାନ୍ତ୍ରିକ ଜଣେ ଯୁବତୀଙ୍କୁ ଘର ଭିତରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏହି ମାମଲାରେ ପୁରୀଘାଟ ଥାନା ପୁଲିସ ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳର ଜଗନ୍ନାଥ ନାୟକକୁ ଗିରଫ କରିଛି । ସୂଚନା ମୁତାବକ, କଟକ ସାଆନ୍ତସାହିର ଜଣେ ଯୁବତୀଙ୍କ ଘରେ ଆର୍ଥିକ ସମସ୍ୟା, ପାରିବାରିକ ବିବାଦ ଲାଗି ରହିଥିଲା । ଜଣେ ସମ୍ପର୍କୀୟଙ୍କ ପରାମର୍ଶ ଅନୁଯାୟୀ ଯୁବତୀ ଜଣକ ତାନ୍ତ୍ରିକ ଜଗନ୍ନାଥକୁ ଯୋଗାଯୋଗ କରିଥିଲେ । ଏହାପରେ ତାନ୍ତ୍ରିକ ଜଗନ୍ନାଥ ଉକ୍ତ ଯୁବତୀଙ୍କ ଘର ଭିତରେ ତନ୍ତ୍ର ପୂଜା କରି ରିଷ୍ଟ ଖଣ୍ଡନ



କରିବାକୁ ପାଖାପାଖି ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲା । ଏଥିପାଇଁ ଜଗନ୍ନାଥ ପ୍ରଥମେ ୨୫ ହଜାର ଟଙ୍କା ନେଇଥିଲା । ଗତ ମଙ୍ଗଳବାର ସନ୍ଧ୍ୟାରେ ସେ ଯୁବତୀଙ୍କ ଘରେ ଆସି ପୂଜା କରିଥିଲା । ଠିକ୍ ଏହି ସମୟରେ ଯୁବତୀଙ୍କୁ ସେ ଘର ଭିତରେ ଅସଦାଚରଣ କରିଥିଲା । ଯୁବତୀ ଜଣକ ଚିତ୍କାର କରିବାରୁ ତାନ୍ତ୍ରିକ ଫେରାର ହୋଇଯାଇଥିଲା । ଏ ସଂକ୍ରାନ୍ତରେ ଯୁବତୀ ଜଣକ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରିଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୯.୦୧.୨୦୨୬
୬,୦୯,୨୧୫ ଟଙ୍କା
ସୁନା:- ୦୦ଗ୍ରାମ୍ ୦୭୦ ମିଲିଗ୍ରାମ୍
ରୂପା:-୨୫ ଗ୍ରାମ୍ ୭୦୦ ମିଲିଗ୍ରାମ୍